ଉତ୍ତରାୟଣୀ ଶୀତଳ ଭଣ୍ଡାରରେ ଲାଗିଲାଣି କଳଙ୍କି

# ଜିଲ୍ଲାର ୨୫୦୦ରୁ ଉର୍ଦ୍ଧ୍ୱ ଆଳୁ ଚାଷୀ ହତାଶ

ପିପିଲି,୧୦।୧୨(ସମିସ):

ରାଜ୍ୟରେ ଆଳୁ ସଙ୍କଟ ଦିନକୁ ଦିନ ବୃଦ୍ଧି ପାଉଛି। ଆଳୁ ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନରେ ଡ଼ିବିଟି ମାଧ୍ୟମରେ ସାର ଓ ଆଳୁ ବିହନ ଯୋଗାଇ ଦିଆଯାଉଛି। କିନ୍ତୁ ବାସ୍ତବରେ ଆଳୁ ସଂରକ୍ଷଣକୁ ନେଇ କୋ÷ଣସି ସୁବିଧା ନ ଥିବାରୁ ଜିଲ୍ଲାର ୨୫୦୦ରୁ ଉର୍ଦ୍ଧ୍ୱ ଆଳୁ ଚାଷୀ ଏବେ ଚିନ୍ତାରେ ଅଛନ୍ତି। ପୁରୀ ଜିଲ୍ଲାର ଏକମାତ୍ର ପିପିଲି ବ୍ଲକ ସାତଶଙ୍ଖଠାରେ ଥିବା ଉତ୍ତରାୟଣୀ ଶୀତଳ ଭଣ୍ଡାର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଯନ୍ତ୍ରପାତିରେ କଳଙ୍କି ଲାଗି ଯାଇଥିବା ବେଳେ ଘରର କାନ୍ଥର ପ୍ଲାଷ୍ଟର ଛିଣ୍ଡିବାରେ ଲାଗିଛି।



ପୁରୀ ଜିଲ୍ଲାର ପିପିଲି, ଡ଼େଲାଙ୍ଗ, ସତ୍ୟବାଦୀ, କଣାସ ଏବଂ ନିମାପଡ଼ା ଆଦି ପାଞ୍ଚ ଗୋଟି ବ୍ଲକର ଚାଷୀମାନେ ଆଳୁ ଚାଷ କରିଥାନ୍ତି। ଏହାର ସଂରକ୍ଷଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାପିତ ହୋଇଥିବା ଉତ୍ତରାୟଣୀ ଶୀତଳ ଭଣ୍ଡାରରେ ଚାଷୀମାନେ ମାର୍ଚ୍ଚ ମାସରେ ଆଳୁ ସଂରକ୍ଷଣ କରିଥାନ୍ତି। ଆଳୁ ରଖିବା ସମୟରେ ଚାଷୀମାନେ ପ୍ୟାକେଟ (୫୦ କିଲୋ) ପ୍ରତି ୫୦ ଟଙ୍କା ଦେଇ ରସିଦ କାଟିଥାନ୍ତି। ପରବର୍ତ୍ତୀ ସମୟ ନଭେମ୍ବର ମାସରେ ଏହାକୁ ନେଇ ବିକ୍ରି କରିଥାନ୍ତି। ଜିଲ୍ଲା ଉଦ୍ୟାନ ବିଭାଗ ୨୫୦୦ ଚାଷୀଙ୍କୁ ନେଇ ୩୫୦ ହେକ୍ଟର ଜମିରେ ଆଳୁ ଚାଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛି। ଆଜି ପର୍ଯ୍ୟନ୍ତ ୩୯୦୦ କ୍ୱିଣ୍ଟାଲ ଆଳୁ ବିହନ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି। ଏହି ବିହନକୁ ସରକାରୀ ମୂଲ୍ୟରେ ଚାଷୀମାନେ ନେଇ ନିଜ କ୍ଷେତରେ ଚାଷ କାର୍ଯ୍ୟ କରି ଆଳୁ ମଞ୍ଜି ଲଗାଇବା ଆରମ୍ଭ କରିଦେଲେଣି। ପୁରୀ ଜିଲ୍ଲାରେ ଆଳୁ ଚାଷୀମାନଙ୍କ ପାଇଁ ଏକମାତ୍ର ଭରସା ପାଲଟିଥିବା ଏହି ଶୀତଳ ଭଣ୍ଡାର ୨୦୧୯ ମେ ମାସ ୩ ତାରିଖରେ ହୋଇଥିବା ଫନି ମହାବାତ୍ୟାରେ ବ୍ୟାପକ କ୍ଷତି ଘଟିଥିଲା। ଆଳୁ ଶୁଖାଇବା ଓ ଅଖାର ପ୍ୟାକିଙ୍ଗ କରିବା ପାଇଁ ଉଦ୍ଦିଷ୍ଟ ଡ୍ରାଏ ଓ ସ୍ପେସ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ କାର୍ଯ୍ୟାଳୟ ଗୃହଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ସେବେଠାରୁ ଶୀତଳ ଭଣ୍ଡାର ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିରହିଛି। ୪୦ ହଜାର ଆଳୁ ପ୍ୟାକେଟ୍ କ୍ଷମତା ବିଶିଷ୍ଟ ଏହି ଶୀତଳ ଭଣ୍ଡାର ଉପରେ ଏକ କୋଟି ଟଙ୍କାର ବିଦ୍ୟୁତ ଦେୟ ବାକି ରହିଛି। ଶୀତଳ ଭଣ୍ଡାରରେ ଥିବା ୧୨୦ କେଭି କ୍ଷମତା ସମ୍ପନ୍ନ ଜେନେରେଟର ଓ ସମସ୍ତ ଯନ୍ତ୍ରାଂଶରେ ଏବେ କଳଙ୍କି ଲାଗି ଗଲାଣି। ରାଜ୍ୟ ସରକାର ଆଳୁ ଚାଷ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ଏହାକୁ କାର୍ଯ୍ୟକାରୀ କରାଇବା ପାଇଁ ଅହରହ ଚେଷ୍ଟା ଜାରି ରଖିଥିବା ବେଳେ ଆଳୁ ଗଛିତ ରଖିବା ପାଇଁ ସଂରକ୍ଷଣ ସୁବିଧା ନ ଥିବାରୁ ଚାଷୀମାନେ ଆଳୁ ଚାଷରୁ ମୁହଁ ଫେରାଉଛନ୍ତି। ଯଦି ରାଜ୍ୟ ସରକାର ଏହି ଶୀତଳ ଭଣ୍ଡାରଟିକୁ କାର୍ଯ୍ୟକ୍ଷମ କରାଇ ପାରନ୍ତେ ତେବେ ପୁରୀ ଜିଲ୍ଲାର ହଜାର ହଜାର ଆଳୁ ଚାଷୀ ସେମାନଙ୍କ ଉତ୍ପାଦିତ ଆଳୁକୁ ଦୀର୍ଘ ଦିନ ଧରି ସଂରକ୍ଷଣ କରି ରଖିପାରନ୍ତେ। ତେବେ ଜରାଜୀର୍ଣ୍ଣ ହୋଇ ପଡ଼ି ରହିଥିବା ଏହି ଉତ୍ତରାୟଣୀ ଶୀତଳ ଭଣ୍ଡାରଟିକୁ ପୁନରୁଦ୍ଧାର କରିବା ପାଇଁ ଜିଲ୍ଲାର ଚାଷୀମାନେ ସମବାୟ ମନ୍ତ୍ରୀ ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଚାଷୀମାନଙ୍କ ଅଭିଯୋଗକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସିଦ୍ଧାର୍ଥ ଶେଖର ସ୍ୱାଇଁ ଏବଂ ବିଧାୟକ ଶ୍ରୀ ପଟ୍ଟନାୟକ ଶୀତଳଭଣ୍ଡାର ପରିଦର୍ଶନ କରିବା ସହିତ ଏହାର ପୁନରୁଦ୍ଧାର କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଯଥାଶୀଘ୍ର ଚାଷୀମାନଙ୍କ ଏହି ସମସ୍ୟାକୁ ଆଳୁ ଅମଳ ପୂର୍ବରୁ ସମାଧାନ କରାଗଲେ ପୁରୀ ଜିଲ୍ଲାରେ ଆଳୁ ସମସ୍ୟା ଦେଖା ଦେବ ନାହିଁ।

● ହୋଟେଲରେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର ଘଟଣା

## ଯୋଗାଣ ବିଭାଗର ୩ ସିଲିଣ୍ଡର ଜବତ



ଅସ୍ତରଙ୍ଗ,୧୦।୧୨(ସମିସ): ବିଭିନ୍ନ ବ୍ୟବସାୟିକ ସଂସ୍ଥା ଗୁଡ଼ିକରେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାରକୁ ନେଇ ଆକ୍ସନ ମୁଡ୍‌ରେ ଅସ୍ତରଙ୍ଗ ଯୋଗାଣ ବିଭାଗ। ମଙ୍ଗଳବାର ପୁରୀ ଜିଲ୍ଲା ଯୋଗାଣ ବିଭାଗର ୫ ଜଣିଆ ସ୍ୱତନ୍ତ୍ର ଟିମ୍ ଅସ୍ତରଙ୍ଗ ବଜାରରେ ବିଭିନ୍ନ ଗ୍ୟାସ ଚୁଲ୍ଲା ମରାମତି କେନ୍ଦ୍ର, ଗ୍ୟାସ ଏଜେନ୍ସି, ଓ ବଡ଼ ବଡ଼ ହୋଟେଲ ଉପରେ ଅତର୍କିତ ଚଢ଼ଉ କରି ୪ଟି ଘରୋଇ ବ୍ୟବହୃତ ସିଲିଣ୍ଡର ଏକ ହୋଟେଲରୁ ଜବତ କରିଛନ୍ତି। ଅସ୍ତରଙ୍ଗ ଅଞ୍ଚଳରେ କିଛି ହୋଟେଲ ବ୍ୟବସାୟୀ କମ ପଇସାରେ ଘରୋଇ ଗ୍ୟାସ ସିଲିଣ୍ଡର କ୍ରୟ କରି ତାହାକୁ ନିଜ ବ୍ୟବସାୟରେ ଲଗାଉଛନ୍ତି। ଆଉ କିଛି ଦୋକାନମାନଙ୍କରେ ଗ୍ୟାସ ଚୁଲ୍ଲା ମରାମତି ହେଉଥିବା ବେଳେ ସେଠି କଳାବଜାରରେ ଗ୍ୟାସ ରିଫିଲିଂ ମଧ୍ୟ ହେଉଛି। ଏହାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା। ଏହି ଅଭିଯୋଗକୁ ଭିତ୍ତି କରି ଆଜି ପୁରୀ ଜିଲ୍ଲା ଏସିଏସଓ ଜି ପ୍ରଶାନ୍ତ ରାଓ, ଅତିରିକ୍ତ ପୁରୀ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁ, କାକଟପୁର ଯୋଗାଣ ନିରୀକ୍ଷକ ଦେବଜ୍ୟୋତି ଦାସ, ଅସ୍ତରଙ୍ଗ ଯୋଗାଣ ଅଧିକାରୀ ଶିବପ୍ରସାଦ ମହାନ୍ତି, ପୁରୀ ସଦର ଯୋଗାଣ ନିରୀକ୍ଷକ ପ୍ରଦୀପ ସେଠୀ ଚଢ଼ଉରେ ସାମିଲ ହୋଇଥିଲେ। ଅସ୍ତରଙ୍ଗ ବଜାରର ଏକ ନିର୍ଦ୍ଦିଷ୍ଟ ହୋଟେଲରୁ ୪ଟି ଘରୋଇ ସିଲିଣ୍ଡର ଜବତ କରିଥିଲେ। ଜବତ ସିଲିଣ୍ଡରକୁ ପ୍ରିୟାସୁ ଗ୍ୟାସ ଏଜେନ୍ସି ଜିମା ଦେଇଛନ୍ତି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



କୁଣ୍ଡେଇ,୧୦।୧୨(ସମିସ): କାକଟପୁର ବ୍ଲକ ଅନ୍ତର୍ଗତ କୁଣ୍ଡେଇ ପଞ୍ଚାୟତ ଅନ୍ତର୍ଗତ ବାଜପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗିରଥି ସାହୁ (୮୩)ଙ୍କର ପରଲୋକ ଘଟିଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଥିଲେ। ବାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରି କାକଟପୁର ବ୍ଲକ ନାଶିକେଶର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରରେ ପ୍ରଧାନଶିକ୍ଷକ ଭାବେ ଦୀର୍ଘ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସୂଚାରୁ ରୂପେ କାର୍ଯ୍ୟ ତୁଲାଇ ୧୯୯୯ ମସିହାରେ ଅବସର ନେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସାନ ଭାଇ ରତ୍ନାକର ସାହୁ, ସାନ ପୁଅ ସୁଜିତ, ଅନ୍ତର୍ଯ୍ୟାମୀ, ବିଶ୍ୱଜିତ, ଜ୍ୱାଇଁ କୈଳାସ, ଝିଅ ରିତାରାଣୀ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ କାକଟପୁର ସତସଙ୍ଗ ବିହାର ନିଆଯାଇଥିଲା। ସେଠାରେ ସତ୍‌ସଙ୍ଗ ବିହାରର ସମସ୍ତ କର୍ମକର୍ତ୍ତା ଓ ଗୁରୁଭାଇମାନଙ୍କର ନାମ କୀର୍ତ୍ତନ ଓ ଶେଷ ଦର୍ଶନ କରିବା ପରେ ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଛି। ବଡ଼ ପୁତ୍ର ଅଜିତ୍ ମୁଖାଗ୍ନି ଦେଇଥିଲେ।

## ଭତ୍ତା ବୃଦ୍ଧି ନେଇ ବ୍ଲକ୍ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ

ବିଧାୟକଙ୍କୁ ଘେରିଲେ ଆନ୍ଦୋଳନକାରୀ




ପିପିଲି,୧୦।୧୨(ସମିସ): ଭତ୍ତା ବୃଦ୍ଧି ଦାବି ନେଇ ଓଡ଼ିଶା ଭତ୍ତା ପ୍ରଦାନ ସଂଘର୍ଷ ସମିତି ପକ୍ଷରୁ ପିପିଲି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ବ୍ଲକର ଶତାଧିକ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ, ବିଧବା, କଳାକାର, ଅସହାୟ ବର୍ଗର ହିତାଧିକାରୀମାନେ ଏଥିରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ଉପରେ ବର୍ଷିଥିଲେ। ବିଜେପି ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ଭତ୍ତା ରାଶି ତିନି ହଜାରରୁ ତିନି ହଜାର ପାଞ୍ଚଶହ ଟଙ୍କା କରିବା ପାଇଁ ଦାବି କରିଥିଲେ। ବିଧାନସଭାରେ ବିଧାୟକମାନେ ସେମାନଙ୍କ ଦରମା ୧ଲକ୍ଷରୁ ଅଢେଇ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ବ୍ୟସ୍ତ ବିବ୍ରତ ହେଉଥିବା ବେଳେ ଏ ଭିନ୍ନକ୍ଷମମାନଙ୍କୁ ଦେଇଥିବା ପ୍ରତିଶ୍ରୁତି କୁଆଡେ ଗଲା ବୋଲି ପାଲଟା ପ୍ରଶ୍ନ କରିଥିଲେ। ତେବେ ବ୍ଲକ ସମ୍ମୁଖରେ ଭିନ୍ନକ୍ଷମମାନଙ୍କ ବିକ୍ଷୋଭ ପ୍ରଦର୍ଶନ ଚାଲିଥିବା ବେଳେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଆନ୍ଦୋଳନ ସ୍ଥଳରେ ପହଁଚିଥିଲେ। ସରକାର ଦେଇଥିବା ପ୍ରତିଶ୍ରୁତି କୁଆଡେ ଗଲା ବୋଲି ଆନ୍ଦୋଳନକାରୀମାନେ ବିଧାୟକଙ୍କୁ ଓଲଟା ପ୍ରଶ୍ନ କରିଥିଲେ। ଅହେତୁକ ଦରଦାମ ବୃଦ୍ଧି ସମୟରେ ୧ହଜାର ଟଙ୍କା ଭତ୍ତାରେ କିଭଳି ଚଳିବୁ ବୋଲି ବିଧାୟକଙ୍କୁ ଆନ୍ଦୋଳନକାରୀମାନେ ପଚାରିଥିବା ବେଳେ ଭତ୍ତା ବୃଦ୍ଧି ନ କରି ବିଧାୟକମାନେ ସେମାନଙ୍କ ଦରମା ବୃଦ୍ଧି ଉପସ୍ଥାପନ କରି ବୟସ୍କ ବୃଦ୍ଧ ବୃଦ୍ଧା ଓ ଭିନ୍ନକ୍ଷମମାନଙ୍କୁ ରାଜରାସ୍ତାରେ ବସାଇଛନ୍ତି ବୋଲି ସଂଗଠନ ସମ୍ପାଦକ ବିଷ୍ଣୁ ପ୍ରସାଦ ଦାସ କଟାକ୍ଷ କରିଥିଲେ। ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ, ବିଧବା, କଳାକାର ଓ ଅସହାୟମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତିକୁ ତୁରନ୍ତ ପାଳନ କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଥିବା ବେଳେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବିଧାନସଭା ଘେରଉ କରାଯିବା ସହିତ ଜୋରଦାର ଆନ୍ଦୋଳନ କରିବା ପାଇଁ ସଙ୍ଘର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତି କହିଛନ୍ତି। ସେପଟେ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ରାଜ୍ୟ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ଉପରେ ବର୍ଷିଛନ୍ତି ପିପିଲି ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ। ସରକାର ପ୍ରତିଶ୍ରୁତିବଦ୍ଧ ନ ହେଲେ ନିର୍ବାଚନ ଜିତିବା ପାଇଁ ଦେଇଥିବା ପ୍ରତିଶ୍ରୁତି ମିଥ୍ୟା ବୋଲି ଘୋଷଣା କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ଭତ୍ତା ପ୍ରଦାନ ସଂଘର୍ଷ ସମିତି ପକ୍ଷରୁ ଏକ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଗୋକୁଳାନନ୍ଦ ମହାପାତ୍ର, ଜିଲ୍ଲା ସଭାପତି ସଏଦ ଆଜାଦ ଅଲ୍ଲୀ, ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଦାସ, ଉପଦେଷ୍ଟା ରବିନ୍ଦ୍ର ସ୍ୱାଇଁ ଓ ଗନ୍ଧର୍ବ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## କଣାସ ବ୍ଲକ ଉନ୍ନୟନ କାର୍ଯ୍ୟ ପାଇଁ ଲୋକ ପ୍ରତିନିଧିଙ୍କ ବୈଠକ

କଣାସ,୧୦/୧୨(ସମିସ): କଣାସ ପଞ୍ଚାୟତ ସମିତି ସଭାଗୃହରେ ଆଜି ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ,ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ,ବିଡିଓ ନାରାୟଣ ସାହୁ ,ଅତିରିକ୍ତ ବିଡିଓ ମଙ୍ଗଳ ସିଂହ ହେମ୍ବ୍ରମ ଓ କଣାସ ବ୍ଲକର ୨୮ ଟି ଗ୍ରାମପଞ୍ଚାୟତର ସମସ୍ତ ସମିତି ସଭ୍ୟ ଓ ସରପଞ୍ଚ ଯୋଗଦେଇଥିଲେ। ବ୍ଲକର ସମସ୍ତ ଉନ୍ନୟନ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିବା ପାଇଁ ବିଡିଓ ନାରାୟଣ ସାହୁ ସମସ୍ତ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ଅନୁରୋଧ କରିଥିଲେ।

## କଣାସରେ ନୂତନ ତହସିଲଦାରଙ୍କ କାର୍ଯ୍ୟରେ ଯୋଗଦାନ

କଣାସ,୧୦।୧୨(ସମିସ): କଣାସ ତହସିଲି କାର୍ଯ୍ୟାଳୟରେ କାର୍ଯ୍ୟକରୁଥିବା ତହସିଲିଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସତ୍ୟବାଦୀ ତହସିଲିକୁ ବଦଳିହେବାପରେ କଣାସ ତହସିଲି ଦୀର୍ଘ ଏକ ମାସ ହେଲା କାର୍ଯ୍ୟ ବ୍ୟାଘାତ ହେବା ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ।।ଜି ବାଲେଶ୍ୱର ଜିଲ୍ଲା ଭୋଗରାଇ ତହସିଲିରେ କାର୍ଯ୍ୟକରୁଥିବା ତହସିଲିଦାର ହିମାଂଶୁଶେଖରଗିରିଙ୍କୁ କଣାସ ତହସିଲିଦାରଭାବେ ବଦଳି କରାଯାଇଥିବାରୁ ଶ୍ରୀ ଗିରି ଆଜି କଣାସ ତହସିଲିଦାର ରୂପେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କାର୍ଯ୍ୟଭାର ଗ୍ରହଣ 'ଟୋ ଇ ମେଲରେ ପଠାଗଲା

## ଟାଙ୍କି ଅଛି; ମିଳୁନି ପିଇବା ପାଣି



ନୟାହାଟ,୧୦।୧୨(ସମିସ): ବସୁଧା ଯୋଜନାରେ ଗ୍ରାମାଞ୍ଚଳ ଲୋକଙ୍କୁ ପିଇବା ପାଣି ଯୋଗାଇ ଦେବା ପାଇଁ ପୂର୍ବତନ ସରକାର ନବୀନ ପଟ୍ଟନାୟକଙ୍କ ସମୟରେ ବିଭିନ୍ନ ପଞ୍ଚାୟତରେ ପାଣି ଟାଙ୍କି ନିର୍ମାଣ କରାଯାଇ ବିଭିନ୍ନ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବା ବ୍ୟବସ୍ଥା ହୋଇଥିଲା। ହେଲେ ସୁଆଣପୁର ପଞ୍ଚାୟତରେ ବର୍ଷେ ତଳୁ ପାଣି ଟାଙ୍କି ନିର୍ମାଣ ହୋଇ ପଡ଼ି ରହିଛି। ପାଚେରୀ ହୋଇ ନଥିବା ବେଳେ ପମ୍ପ ହାଉସ ନିର୍ମାଣ ହୋଇନି। ଏପରିକି ସେଠାକୁ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇନାହିଁ। ସୁଆଣପୁର୍, ପାତ୍ର ସାହି, ମହାରଣା ସାହି, ବାରିକ ସାହି ଓ ଡ଼ମ ସାହିରେ ପାଇପ୍ ବିଛା କାର୍ଯ୍ୟ ଶେଷ ହୋଇଛି। ହେଲେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ପାଞ୍ଚଟି ଗ୍ରାମ ବିଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପାଇପ ଜଳ ଯୋଗାଣ କରିବାକୁ ସନାତନ ମହାରଣା, ରାମ ପାତ୍ରଙ୍କ ସମେତ ସମସ୍ତ ଗ୍ରାମବାସୀ ଦାବି କରିଛନ୍ତି।

## ଦେଢ଼ବର୍ଷ ପରେ ପିପିଲି ବଜାର ଦେଇ ଚାଲିଲା ବସ୍



ପିପିଲି,୧୦।୧୨(ସମିସ): ଦୀର୍ଘ ଦେଢ଼ ବର୍ଷ ପରେ ପିପିଲି ବଜାର ଦେଇ ପୁଲିସ ଓ ପରିବହନ ବିଭାଗ ଉଦ୍ୟମରେ ବସ ଚଳାଚଳ କରିଛି। ପୂର୍ବରୁ ସମସ୍ତ ଯାତ୍ରୀବାହୀ ବସ ଗୁଡ଼ିକ ବାଇପାସ୍‌ରେ ଯାଉଥିବାରୁ ପିପିଲି ଅଞ୍ଚଳର ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିଲେ। ପୁରୀ, କୋଣାର୍କ, ଗୋପ, କାକଟପୁର, ଅସ୍ତରଙ୍ଗ ଓ ନିମାପଡ଼ା ଅଞ୍ଚଳକୁ ଚଳାଚଳ କରୁଥିବା ବସ ଗୁଡ଼ିକ ପୂର୍ବରୁ ପିପିଲି ବଜାର ଦେଇ ଯାତାୟତ କରୁ ନ ଥିଲା। ଏନେଇ ଦାଣ୍ଡମୁକୁନ୍ଦପୁରର ସମାଜସେବୀ ସୁରେନ୍ଦ୍ର ବେହେରା ବସ ଗୁଡ଼ିକ ପିପିଲି ବଜାର ଦେଇ ଯାତାୟତ କରିବା ପାଇଁ କହିଥିଲେ। ତେବେ କୋ÷ଣସି ବସ ଡ୍ରାଇଭର ଏହାକୁ ନ ମାନି ବାଇପାସରେ ଯାଉଥିଲେ। ଏନେଇ ସୁରେନ୍ଦ୍ର ପିପିଲି ଥାନା ଅଧିକାରୀ ସୋ÷ମେନ୍ଦୁ ଶେଖର ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଥାନା ଅଧିକାରୀ ପୁରୀ ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରି ଲୋକଙ୍କ ସମସ୍ୟା ସାମାଧନ କରିବା ପାଇଁ କହିଥିଲେ। ମଙ୍ଗଳବାର ସକାଳୁ ପରିବହନ ବିଭାଗ ନିରୀକ୍ଷକ ସୁଶାନ୍ତ କୁମାର ପାତ୍ର ଏବଂ ସହକାରୀ ମୋଟରଜାନ ନିରୀକ୍ଷକ ଅମିତ୍ କୁମାର ରଣା ପୁଲିସ ଉପସ୍ଥିତିରେ ପିପିଲି ବଜାରର ପ୍ରବେଶ ପଥରେ ଠିଆ ହୋଇ ବସ ଗୁଡ଼ିକୁ ଅଟକାଇଥିଲେ। ଯେଉଁ ବସ ଗୁଡ଼ିକ ପରିବହନ ବିଭାଗ ଏବଂ ପୁଲିସର ଆଦେଶ ନ ମାନି ବାଇପାସ ଦେଇ ଯାତାୟତ କରୁଥିଲେ ସେମାନଙ୍କ ଠାରୁ ଜରିମାନା ନେଇ ଚାଲାଣ କଟାଯାଇଥିଲା। ବସ ଗୁଡ଼ିକଠାରୁ ୩୫ ହଜାର ଟଙ୍କାର ଅନଲାଇନ ଚାଲାଣ କରାଯାଇଛି। ପ୍ରଥମ ଗାଡ଼ି ଗୁଡ଼ିକ ଠାରୁ ଜରିମାନା କଟିବା ପରେ ଅନ୍ୟ ଗାଡ଼ି ଗୁଡ଼ିକ ବଜାର ମଧ୍ୟ ଦେଇ ପୁରୀ ଏବଂ ନିମାପଡ଼ା ଅଭିମୁଖେ ଯାତାୟତ କରିଥିଲା।

## ଭୂତ ନିର୍ମାଣ କରୁଛି ତୋରଣ

■ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପାଖରେ ଖବର ନାହିଁ



ବଳଙ୍ଗା,୧୦।୧୨(ସମିସ): ବଳଙ୍ଗା ବଜାରରୁ ମଧୁବନ ପାର୍କ ଓ ରାଜୀବ ସେବା କେନ୍ଦ୍ର ସହ ବିଜୁକଲ୍ୟାଣ ମଣ୍ଡପର ପ୍ରବେଶ ପଥରେ ନିର୍ମାଣ ହେଉଛି ସୁଉଚ୍ଚ ତୋରଣ। ତେବେ ଏହି ତୋରଣ ନିର୍ମାଣ ଢଳେଇରେ କରାନଯାଇ ସିମେଣ୍ଟ ଇଟାରେ ନିର୍ମିତ ହେଉଛି। ସବୁଠାରୁ କୌତୂହଳର କଥା ଏହି ନିର୍ମାଣ କାର୍ଯ୍ୟରେ କୌଣସି ସୂଚନାଫଳକ ନ ଥିବାରୁ କେତେ ଟଙ୍କା କେଉଁ ବିଭାଗରୁ ବ୍ୟୟବରାଦ ହୋଇଛି ତାହା ସ୍ପଷ୍ଟ ହୋଇ ନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି କାମ କିଏ କରୁଛି ତାହା କୌଣସି ବିଭାଗୀୟ ଅଧିକାରୀ ମଧ୍ୟ ଜାଣି ନ ଥିବା କହିଛନ୍ତି। ତେବେ ଏହା କଣ ଭୂତ ନିର୍ମାଣ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଗତ ୮ଦିନ ତଳେ ଏହି ଗେଟ ନିର୍ମାଣ କରାଯାଇଥିଲା ବେଳେ ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭକାନ୍ତ ପଟ୍ଟନାୟକ ଓ ଯନ୍ତ୍ରୀ ଗୌରାଙ୍ଗ ଚରଣ ସିଠଙ୍କୁ ପଚାରିବାରେ ସେମାନେ ନିର୍ମାଣ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିଜିତ୍ ଷଡଙ୍ଗୀଙ୍କୁ ପଚାରିବାରେ ତାଙ୍କ ଦୃଷ୍ଟିକୁ ଏପରି କୌଣସି ଅଭିଯୋଗ ଆସି ନ ଥିବା ତଥା ସେ ବିଭାଗୀୟ ଅଧିକାରୀଙ୍କଠାରୁ ବୁଝିଲା ପରେ ଯାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

## ଚିଲିକା ପକ୍ଷୀ ସୁରକ୍ଷା ଆଲୋଚନାଚକ୍ର ଶିବିର

କଣାସ,୧୦।୧୨(ସମିସ): କଣାସ ବ୍ଲକ ଅନ୍ତର୍ଗତ ଚିଲିକା ପାଦଦେଶରେ ଅବସ୍ଥିତ ଗଡଖାରଦ ମୁଣ୍ଡିଆ ଉପରେ ପ୍ରତିଷ୍ଠିତ ଶ୍ରୀ ଜଗନ୍ନାଥ ମନ୍ଦିରଠାରେ ଏକ ପକ୍ଷୀ ସୁରକ୍ଷା ଶିବିର ଓ ସଚେତନ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗୀତାପାଠ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏଥିରେ ଅତିଥି ଭାବେ ହେମନ୍ତ କୁମାର ପ୍ରଧାନ, ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ, ଆଞ୍ଚଳିକ ଗୌରଚନ୍ଦ୍ର ବିଦ୍ୟା ନିକେତନର ଶିକ୍ଷକ ରଘୁନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଦେଶୀ ପକ୍ଷୀ ଆମ ଅତିଥି ଓ ସେମାନଙ୍କୁ ହତ୍ୟା କରିବା ନିଷ୍ଠୁର କାର୍ଯ୍ୟ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ଏହି ଅବସରରେ ୪ଟି ପଞ୍ଚାୟତର ୪୦ଜଣ ଛାତ୍ର ମଧ୍ୟ ଯୋଗଦେଇ ସେମାନଙ୍କ ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଗୀତାପାଠ ଓ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ବିଶ୍ୱଜିତ୍ ସାହୁ, ପ୍ରତାପ ସିଂହ କାର୍ଯ୍ୟକ୍ରମ ପରି.ଳନା କରିଥିଲେ।

## ୧୧ ତାରିଖରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଣାସ,୧୦।୧୨(ସମିସ):୧୧ ତାରିଖ ବୁଧବାର ଦିନ କଣାସ ବ୍ଲକ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଦୟା ବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନରେ ପୁରୀ ଜିଲ୍ଲା ପ୍ରଶାସନ ସାମରିକ ସୁରକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ହେଉଛି। ଏହି ଶିବିରରେ ବିଭିନ୍ନ ବିଶେଷଜ୍ଞମାନଙ୍କଦ୍ୱାରା ଚକ୍ଷୁ,କର୍ଣ୍ଣ ଓ ବାକ୍ ରହିତ,ଶାରୀରିକ ଓ ମାନସିକଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ପରୀକ୍ଷା କରାଯିବ ଓ ପରବର୍ତ୍ତୀ ସମୟରେ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇଦିଆଯିବ ଯେଉଁମାନେ ଆଗରୁ ହାତଲେଖା ପ୍ରମାଣପତ୍ର ପାଇଛନ୍ତି ତାହା ଅଚଳ ହୋଇଯାଇଥିବାରୁ ୟୁଡିଆଇଡି ପ୍ରମାଣପତ୍ର ନଥିଲେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଭତ୍ତା ସହିତ ଅନ୍ୟାନ୍ୟ ସୁବିଧା ବାଧାପ୍ରାପ୍ତ ଅଛି। ଭିନ୍ନକ୍ଷମ ପ୍ରମାଣପତ୍ର ପାଇନଥିବା ବ୍ୟକ୍ତିମାନେ ଏହି ଶିବିରରେ ଯୋଗଦେବାକୁ ବିଡିଓ ନାରାୟଣ ସାହୁ ଅନୁରୋଧ କରିଛନ୍ତି।

## ପଞ୍ଚେଇଙ୍କୁ ସହାୟତା ଯୋଗାଇଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନ



'ସକାଳ' ପ୍ରଭାବ

ଗମ୍ଭାରୀପଦା,୧୦।୧୨(ସମିସ):

ଏକମାତ୍ର ରୋଜଗାରିଆ ପୁଅର ଶୁଦ୍ଧିକ୍ରିୟା ପାଇଁ ଜନ୍ମଦାତ୍ରୀ ମା' ପଞ୍ଚେଇ ମଲ୍ଲିକ (୭୫) ଗାଁ ଗାଁ ବୁଲି କାନି ପତାଇ ଭିକ୍ଷା ମାଗୁଛନ୍ତି ଶୀର୍ଷକ ଖବର 'ସକାଳ'ରେ ପ୍ରକାଶ ପାଇବାରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାର ହାତ ବଢ଼ାଇଛନ୍ତି। କାକଟପୁର ବ୍ଲକ ଲତାହରଣ ଗ୍ରାମର ପଞ୍ଚେଇଙ୍କ ସ୍ୱାମୀ ଜଳେନ୍ଦ୍ର ମଲ୍ଲିକଙ୍କର ୨ ବର୍ଷ ତଳେ ଦେହାନ୍ତ ହୋଇଥିଲା। ପୁଅ ପ୍ରଫୁଲ୍ଲ ୧୫ ବର୍ଷ ତଳେ ପରିବାର ଚଳାଇବା ପାଇଁ ହାଇଦ୍ରାବାଦ ଯାଇଥିଲେ। ସେଠାରେ ଏକ ଦୁର୍ଘଟଣାରେ ତାଙ୍କ ଶରୀରର ୭୫ଭାଗ ଅଚଳ ହୋଇଗଲା। ଏଭଳି ଦୁର୍ଦ୍ଦିନ ସମୟରେ ଦିବ୍ୟାଙ୍ଗ ସ୍ୱାମୀଙ୍କୁ ଛାଡି ସ୍ତ୍ରୀ ପୁଅକୁ ସାଙ୍ଗରେ ନେଇ ବାପ ଘରକୁ ଚାଲିଗଲେ। ଘରର ରୋଜଗାରିଆ ପୁଅକୁ ସୁସ୍ଥ କରିବାକୁ ବୃଦ୍ଧ ବାପା ମା' ଗାଁ ଗାଁ ବୁଲି ଭିକ୍ଷା ବୃତ୍ତି କରି ଔଷଧ ପାଇଁ ଟଙ୍କା ଯୋଗାଡ଼ କରୁଥିଲେ। ପୁଅର ଭତ୍ତା ଟଙ୍କା ଆଉ ଜୀବନ ବଞ୍ଚାଇବାକୁ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ହିଁ ସେମାନଙ୍କ ଭରସା ଥିଲା। ଗତ ଡ଼ିସେମ୍ବର ୩ ତାରିଖରେ ୩୭ ବର୍ଷିୟ ପୁଅ ପ୍ରଫୁଲ୍ଲ ମା' ସାମ୍ନାରେ ଚାଲିଗଲା। ଆସନ୍ତା ୧୩ ତାରିଖରେ ପୁଅର ଶୁଦ୍ଧିକାର୍ଯ୍ୟ କରିବାକୁ ବୃଦ୍ଧା ମା' ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ସେ ଗାଁକୁ ଗାଁ ବୁଲି ଭିକ୍ଷା ମାଗୁଛନ୍ତି। ଏ ସମ୍ପର୍କିତ ଖବର 'ସକାଳ'ରେ ପ୍ରକାଶ ପାଇବାରେ ଅସ୍ତରଙ୍ଗର ୟୁଭ ଚାରିଟେବଲ ଟ୍ରଷ୍ଟର କର୍ମକର୍ତ୍ତାମାନେ ଲତାହରଣ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ଉପସ୍ଥିତିରେ ପଞ୍ଚେଇଙ୍କ ପୁଅ ଶୁଦ୍ଧିକ୍ରିୟା ପାଇଁ ରାସନ ସାମଗ୍ରୀ ଓ କିଛି ଅର୍ଥରାଶି ସହାୟତା ପ୍ରଦାନ କରିଛନ୍ତି। ଚାରିଟେବଲ ଟ୍ରଷ୍ଟର ସଭାପତି ସୁଶାନ୍ତ କୁମାର ପରିଡ଼ା, ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ଉପସଭାପତି ସୁବାଷ ଚନ୍ଦ୍ର ବେଉରା, ସହସମ୍ପାଦକ ବିଚିତ୍ର ଓଝା, ଗୋପ ବ୍ଲକ ଶିମିଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାସ୍କର ସେଟ ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପଞ୍ଚେଇଙ୍କ ପୁଅ ପ୍ରଫୁଲ୍ଲଙ୍କ ଅମର ଆତ୍ମାର ସଦଗତି ପାଇଁ ନିରବ ପାର୍ଥନା କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।



# ବିଚ୍ ଆଣ୍ଡ ଓସନ୍ ସ୍ପୋର୍ଟ୍ସ କାର୍ଣ୍ଣିଭାଲ ଉଦ୍‌ଘାଟିତ




## ଆକର୍ଷଣ ସାଜିଲା ସାମୁଦ୍ରିକ ଜଳକ୍ରୀଡ଼ା

ପୁରୀ, ୧୦।୧୨(ସମିସ): ସ୍ୱର୍ଣ୍ଣାଭ ବେଳାଭୂମିରେ ମହୋଦଧି ଦିବସ ପାଳନ ଅବସରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ତିନିଦିନିଆ ଅନ୍ତର୍ଜାତୀୟ ବିଚ୍ ଆଣ୍ଡ ଓସନ ସ୍ପୋର୍ଟ୍ସ କାର୍ଣ୍ଣିଭାଲ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆଡ଼ମିରାଲ ତଥା ରାଷ୍ଟ୍ରୀୟ ଲାଇଫ୍ ସେଭିଂ ସୋସାଇଟିର ସଭାପତି ପି. ଡି. ଶର୍ମା ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ କମିଟି ସଭାପତି ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ନାଲ୍‌କୋର ପ୍ରାକ୍ତନ ସିଏମ୍‌ଡି ତଥା କମିଟିର ମୁଖ୍ୟ ପୃଷ୍ଠପୋଷାକ ତପନ କୁମାର ଚାନ୍ଦ, ଏନ୍‌ଟିପିସି, ଏମ୍‌ସିଏଲ ଓ କୋଲ ଇଣ୍ଡିଆର ପୂର୍ବତନ ନିର୍ଦ୍ଦେଶକ ଆଡଭୋକେଟ କୁଳମଣି ବିଶ୍ୱାଳ ଯୋଗଦେଇଥିଲେ। ଏଥିରେ ଅଭ୍ୟର୍ଥନା କମିଟି ଅଧକ୍ଷ ଜିତେନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନ 'ଦି ବେଲ୍'ର ଅଧକ୍ଷ ସିଦ୍ଧାର୍ଥ ରାୟ କହିଥିଲେ ୨୦୨୫ରେ ଏସିଆ ପାସିଫିକ ଆୟୋଜନ କରିବା ଅନୁଷ୍ଠାନର ଲକ୍ଷ୍ୟ ରହିଛି।

ଶ୍ରୀମନ୍ଦିର ସେବାୟତ ଗଣେଶ୍ୱର ମହାପାତ୍ର, ହରେକୃଷ୍ଣ ସିଂହାରୀ, ରବିନାରାୟଣ ପୂଜାପଣ୍ଡା, ନାରାୟଣ ଗୋଛିକାର ଓ ଶ୍ୟାମସୁନ୍ଦର ମହାପାତ୍ର ମଶାଲରେ ଅଗ୍ନି ସଂଯୋଗ କରି ଖେଳ ଓ ଫ୍ଲାଗ ହୋଷ୍ଟିଙ୍ଗର ଶୁଭାରମ୍ଭ କରିଥିଲେ। ପଣ୍ଡିତ ଗୋପାଳ ଚନ୍ଦ୍ର ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର ଓ ତାଙ୍କ ଶିଷ୍ୟମାନେ ବେଦପାଠ କରିଥିଲେ। ବିଭିନ୍ନ ପ୍ରକାର ବିଚ୍ ଓ ଓସନ୍ ସ୍ପୋର୍ଟ୍ସ ସହିତ ଆର୍ଟ ଗ୍ୟାଲେରୀ ଏହି ଉତ୍ସବର ମୁଖ୍ୟ ଆକର୍ଷଣ। ଏଥିରେ ୧୦ଟି ଦେଶରୁ ୩୫ ଜଣ ଆନ୍ତର୍ଜାତୀୟ ପ୍ରତିନିଧି ଯୋଗଦେଇଛନ୍ତି। ସମୁଦାୟ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ବିଭିନ୍ନ ବର୍ଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଭାରତର ଉପକୂଳ ପର୍ଯ୍ୟଟନ ଓ ପରିବେଶ ସୁରକ୍ଷିତ ରଖିବା ଲାଗି ସଚେତନତା ସୃଷ୍ଟି କରିବା ଏହାର ଅନ୍ୟତମ ଲକ୍ଷ୍ୟ ରହିଛି। ପ୍ରଥମ ଦିନରେ କାୟାକିଂ ସହ ପ୍ରଥମ ଇଣ୍ଡୋ-ଶ୍ରୀଲଙ୍କା ଜୀବନ ରକ୍ଷାକାରୀ କ୍ରୀଡା ପ୍ରମୁଖ ଆକର୍ଷଣ ରହିଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତିନିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ମିଡ଼ିଆ ଇନ୍‌ଚାର୍ଜ ବିଜୟ ମିଶ୍ର ସୂଚନା ଦେଇଛନ୍ତି।

# ଗରମ ଡାଲି ପଡ଼ି ବୋଝିଆ ଆହତ

ପୁରୀ, ୧୦।୧୨(ସମିସ): ବିଭିନ୍ନ ସମୟରେ ଶ୍ରୀମନ୍ଦିର ପରିସରରେ ବୋଝିଆ ଆହତ ହୋଇଥାନ୍ତି। କେତେବେଳେ ଗୋଡ ଖସି ସେମାନେ ଆହତ ହୋଇଥାନ୍ତି ତ ପୁଣି କେତେବେଳେ ପାହାଚରେ ଗୋଡ ଖସିବା ଯୋଗୁଁ ମହାପ୍ରସାଦ ହାଣ୍ଡି ଭାଙ୍ଗି ସେମାନଙ୍କ ଉପରେ ପଡ଼ିଯାଏ। ଏମିତି ପୂର୍ବରୁ ଅନେକ ବୋଝିଆ ଆହତ ହୋଇଛନ୍ତି। ମଙ୍ଗଳବାର ମଧ୍ୟ ସମାନ ଧରଣର ଦୁର୍ଘଟଣା ଘଟିଛି। ଗରମ ଡାଲି ପଡ଼ି ଜଣେ ବୋଝିଆ ଆହତ ହୋଇଛନ୍ତି। ସେ ହେଉଛନ୍ତି ଡେଲାଙ୍ଗର ଦୁର୍ଯ୍ୟୋଧନ ସ୍ୱାଇଁ। ଅପରାହ୍ନ ପ୍ରାୟ ୩ଟାରେ ଦୁର୍ଯ୍ୟୋଧନ ଭଅଣ୍ଡ ଘରେ ଅବଢ଼ା ତୋଳୁଥିବା ବେଳେ ଗରମ ଡାଲି ତାଙ୍କ ଦେହରେ ପଡ଼ିଯାଇଥିଲା। ତାଙ୍କୁ ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ତାଙ୍କ ଶରୀରର ଅଧା ଅଂଶ ଫୋଟକା ହେଇଯାଇଥିବା ଜଣାପଡ଼ିଛି।

# ଗଞ୍ଜେଇ ଜବତ; ଜଣେ ଗିରଫ

ପୁରୀ, ୧୦।୧୨(ସମିସ): ପୁରୀ ରେଳଷ୍ଟେସନରୁ ଜିଆରପି ପୁଲିସ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଗଡଡ଼ ସାହିର ଅନ୍ତର୍ଯ୍ୟାମୀ ଗଉଡ। ସୂଚନା ଅନୁଯାୟୀ ମଙ୍ଗଳବାର ଜିଆରପି ପୁଲିସ ରେଳଷ୍ଟେସନରେ ଚେକିଙ୍ଗ କରୁଥିବା ବେଳେ ଜଣେ ଯୁବକଙ୍କୁ ସନ୍ଦେହଜନକ ଅବସ୍ଥାରେ ପଚାରାଉଚରା କରିଥିଲା। ତା' ନିକଟରୁ ୧୩ କେଜି ଗଞ୍ଜେଇ ଜବତ କରିଛି। ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

**ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ**

# ଜାତୀୟ ଯୁବ ଉତ୍ସବ

ପୁରୀ, ୧୦।୧୨(ସମିସ): ଜାତୀୟ ଯୁବ ଉତ୍ସବ ପାଳନ ପାଇଁ ପୁରୀ ଜିଲ୍ଲାସ୍ତରୀୟ ବିବିଧ ପ୍ରତିଯୋଗିତା ଆୟୋଜନ ନିମିତ୍ତ ପ୍ରସ୍ତୁତି ବୈଠକ ମଙ୍ଗଳବାର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୁବବର୍ଗ ଆମ ଦେଶର ଶକ୍ତିର ପ୍ରତୀକ। ସେମାନଙ୍କ ମଧ୍ୟରେ ପ୍ରତିଭା ଭରି ରହିଛି। ତାହାର ଉନ୍ମେଷ ପାଇଁ ଏହି ଯୁବ ଉତ୍ସବ ଏକ ବଳିଷ୍ଠ ମାଧ୍ୟମ ବୋଲି ମତ ଦେଇ ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ବର୍ଷ ୨୦୨୪-୨୫ ନିମନ୍ତେ ଚଳିତ ମାସ ୧୬ ଓ ୧୭ (ଆନୁମାନିକ) ତାରିଖରେ ପ୍ରତିଯୋଗିତା ଶରଧାବାଲି ନିକଟସ୍ଥ ଭୋଳାନାଥ ବିଦ୍ୟାପୀଠ ନୂତନ ବିଲ୍ଡିଂରେ ଅନୁଷ୍ଠିତ ହେବ। ପ୍ରତିଯୋଗୀଙ୍କ ମଧ୍ୟରେ ଚିତ୍ରାଙ୍କନ, ପଦ୍ୟ ରଚନା(ହିନ୍ଦୀ/ଇଂରାଜୀ), ଗଳ୍ପ ଲିଖନ (ହିନ୍ଦୀ ଓ ଇଂରାଜୀ), ବକ୍ତୃତା(ହିନ୍ଦୀ ଓ ଇଂରାଜୀ), ଦଳଗତ ଓ ଏକକ ଲୋକ ନୃତ୍ୟ ଓ ଲୋକ ସଙ୍ଗୀତ ପ୍ରତିଯୋଗିତା ନିମନ୍ତେ ପ୍ରତିଯୋଗୀଙ୍କର ବୟସ ୩୦ ସେପ୍ଟେମ୍ବର ୨୦୨୪ ସୁଦ୍ଧା ୧୫ ବର୍ଷରୁ ୨୯ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରତିଯୋଗୀମାନେ ସଂସ୍କୃତି କାର୍ଯ୍ୟାଳୟ ମେଲ୍ କିମ୍ବା ବ୍ୟକ୍ତିଗତ ଭାବେ ପୁରୀ ସଂସ୍କୃତି କାର୍ଯ୍ୟାଳୟରେ ଆବେଦନପତ୍ର ଚଳିତ ମାସ ୧୪ ତାରିଖ ସୁଦ୍ଧା ଦାଖଲ କରିପାରିବେ। ପୁରୀ ଜିଲ୍ଲା ୱେବ୍‌ସାଇଟରେ ପୂର୍ଣ୍ଣାଙ୍ଗ ବିବରଣୀ ଅପ୍‌ଲୋଡ଼୍ କରାଯାଇଛି। ଆବେଦନକାରୀ ଏହାକୁ ଅନୁସରଣ କରିବାକୁ ଅନୁରୋଧ କରାଯାଇଛି। ବୟସ ପ୍ରମାଣପତ୍ର ପାଇଁ ଜନ୍ମ ପ୍ରମାଣ ପତ୍ର, ମାଟ୍ରିକ ସାର୍ଟିଫିକେଟ କିମ୍ବା ଭୋଟର ପରିଚୟପତ୍ର ଜରୁରୀ। ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଜିଲ୍ଲାସ୍ତରର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରକୁ ପ୍ରେରଣ କରାଯିବ ବୋଲି କହିଥିଲେ। ଏହି ବୈଠକରେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସୁରକ୍ଷା ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, କଲେଜ ସମୂହର ନୋଡାଲ ଅଫିସର ଗୌରୀ ଶଙ୍କର ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ

ପୁରୀ, ୧୦।୧୨(ସମିସ): ନୀଳାଚଳ ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ମିରାରାଣୀ ଖଣ୍ଡୁଆଳ, କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଡ. ବଳରାମ ଦାଶ ସ୍ୱେଚ୍ଛାସେବୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଛାତ୍ରଛାତ୍ରୀମାନେ ମାନବିକ ଅଧିକାର ସମ୍ପର୍କରେ ସଚେତନ ହୋଇ ବିଦ୍ୟାଳୟ, ମହାବିଦ୍ୟାଳୟ, ଥାନା, କୋର୍ଟ କଚେରୀ, ସରକାରୀ ଅଫିସରେ ସର୍ବୋପରି ଅବହେଳିତଙ୍କୁ ନ୍ୟାୟ ପ୍ରଦାନ ପାଇବା ପାଇଁ ସଂଗ୍ରାମ ଜାରି ରଖିବା ଉଚିତ। ସରସ ସୁନ୍ଦର ତଥା ବିକଶିତ ଭାରତ ଗଠନ ପାଇଁ ମାନବାଧିକାର ସାବ୍ୟସ୍ତ ହେବା ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ।

# ଘରୋଇ ହିଂସା ସଚେତନତା କାର୍ଯ୍ୟକ୍ରମ



ପୁରୀ, ୧୦।୧୨(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ମହିଳା ଓ ଘରୋଇ ହିଂସା ନିରାକରଣ ସଚେତନତା ପକ୍ଷ କାର୍ଯ୍ୟକ୍ରମ ନିମିତ୍ତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରୂପଭାନୁ ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଉଦ୍‌ବୋଧନ ଦେବା ସହିତ ଏହି କାର୍ଯ୍ୟକ୍ରମ ପାଳନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଡାକ୍ତର ବିନୋଦ ବିହାରୀ ରଥ, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ମହିଳା ଓ ଘରୋଇ ହିଂସା ନିରାକରଣ ସମ୍ବନ୍ଧରେ ଆଲୋଚନା କରିବା ସହ ସରକାରୀ ସ୍ତରରେ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ବିସ୍ତୃତ ଭାବେ କହିଥିଲେ। ଡାକ୍ତର ଲଲାଟେନ୍ଦୁ ମିଶ୍ର, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା ରୋଗ) ଘରୋଇ ହିଂସାରୁ ନିବୃତ ରହିବା ପାଇଁ କେଉଁ କେଉଁ ପଦକ୍ଷପ ନିଆଯାଇପାରିବ ସେ ବିଷୟ ସୂଚନା ଦେଇଥିଲେ। ତତ୍‌ସହିତ ସରକାରୀ ବିଧି ବ୍ୟବସ୍ଥା ଓ ଡାକ୍ତରଖାନାରେ ଦିଆଯାଉଥିବା ସହାୟତା ସମ୍ବନ୍ଧରେ ମଧ୍ୟ ଆଲୋକପାତ କରିଥିଲେ। ଆଇନ ଉପମୁଖ୍ୟ ସହାୟତା ପ୍ରତିରୋଧ ପରିଷଦର ଜ୍ୟୋତି ଶଙ୍କର ହରିଚନ୍ଦନ ମହିଳା ଓ ଘରୋଇ ହିଂସା ନିମିତ୍ତ ଆଇନରେ ଥିବା ନିୟମ କାନୁନ ଉପରେ ଆଲୋକପାତ କରିଥିଲେ। ଏଥିସହିତ ଜିଲ୍ଲାରେ ଥିବା ସଖି ୱାନ୍‌ଷ୍ଟପରେ ମିଳୁଥିବା ସେବା ବିଷୟରେ ଅବଗତ କରାଇଥିଲେ। ଓକିଲ ରାମଶଙ୍କର ପାତ୍ର ପିସିପିଏନ୍‌ଡିଟିଆକ୍ଟ ସମ୍ବନ୍ଧରେ ଅନେକ ତଥ୍ୟ ପ୍ରକାଶ କରିଥିଲେ। ପରିଶେଷରେ ଡିପିଏମ୍ ଟି ନାରାୟଣ ରାଓ ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ବେଣୁଧର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜକିଶୋର କର, ଅଶୋକ ସାହୁ, ଶିଳ୍ପୀ ଦାଶ, ପ୍ରଶାନ୍ତ କୁମାର, ମନୋଜ କୁମାର ପଣ୍ଡା, କସ୍ତୁରୀ ପ୍ରିୟମ୍ବଦା, ସନ୍ଦୀପ ବରଣ ଓଝା କାର୍ଯ୍ୟକ୍ରମରେ ଉପସ୍ଥିତ ଥଲେ।

# ନିମାପଡ଼ା ବାଳକ ଉଚ୍ଚ ବିଦ୍ୟାଳୟ ୨୦୦୦ ବ୍ୟାଚର ବନ୍ଧୁମିଳନ



ନିମାପଡ଼ା, ୧୦।୧୨(ସମିସ): ନିମାପଡ଼ା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ୨୦୦୦ମସିହା ମିଲେନିୟମ ବ୍ୟାଚର ଏକ ବନ୍ଧୁମିଳନ ଦିଘାଳୋ ମନିସା କାନନରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ପରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଅନୁଷ୍ଠିତ ବନ୍ଧୁମିଳନରେ ପୁରାତନ ଛାତ୍ର ମାନଙ୍କ ପକ୍ଷରୁ ସମ୍ବିତ ସ୍ୱାଇଁ, ଅମ୍ବିକା ପ୍ରସାଦ ପାଢ଼ୀ, ବିରଞ୍ଚି ନାରାୟଣ ଭଞ୍ଜ, ଦେବାଶିଷ ପତି, ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ଆୟୋଜନର ଭାର ନେଇ ବନ୍ଧୁମାନଙ୍କୁ ଏକାଠି କରିବାରେ ସଫଳ ହୋଇଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

ପୁରୀ, ୧୦।୧୨(ସମିସ): ଚନ୍ଦନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟାଦଶ ବାର୍ଷିକ କ୍ରୀଡା ଗତ ତିନି ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୪୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଦୀନବନ୍ଧୁ ସାମନ୍ତରା ଓ ସଭାପତି ସନାତନ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ଅଜିତ୍ କୁମାର ମହାପାତ୍ର, ସମାଜସେବୀ ତ୍ରିଲୋଚନ ଦାଶ, ସମାଜସେବୀ ଗୀତାଞ୍ଜଳୀ ସେନାପତି ଓ ପୁରୀ ସଙ୍କୁଳ ପ୍ରମୁଖ କୃଷ୍ଣଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାର ଆବଶ୍ୟକତା ଓ ଉତ୍ତମ ଶିକ୍ଷା ଲାଭ ନିମନ୍ତେ ଉତ୍ତମ ସ୍ୱାସ୍ଥ୍ୟର ଜରୁରୀ ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ ବିଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ସିଲ୍ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କୋଷାଧ୍ୟକ୍ଷ ଭରତ ସେନାପତି, ସଭ୍ୟା ରଶ୍ମିତା ସାବୁତ, ଯୁଗ୍ମ ସମ୍ପାଦକ ସରୋଜ ପଣ୍ଡାଙ୍କ ସହ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା' କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା।

**ସେତୁ ପାଠ୍ୟକ୍ରମ ଉଦ୍‌ଘାଟିତ**

# 'ଛାତ୍ରଙ୍କ ଅନ୍ତର୍ନିହିତ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ'

ପୁରୀ, ୧୦।୧୨(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବୃତ୍ତି ପରାମର୍ଶ କେନ୍ଦ୍ର ଦ୍ୱାରା ଦଶଦିନିଆ ସେତୁ ପାଠ୍ୟକ୍ରମ ଗତ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଦତ୍ତାତ୍ରେୟ ମୂର୍ତ୍ତି ଉଦ୍‌ଘାଟନ କରି ଛାତ୍ରମାନଙ୍କୁ ନିଜର ଅନ୍ତର୍ନିହିତ ଜ୍ଞାନର ବିକାଶ ପାଇଁ ପ୍ରେରଣା ଦେଇଥିଲେ। ବିଷୟ ବିଶେଷଜ୍ଞ ଭାବେ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ବେଦର ପରିଚୟ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଦଶ ଦିନ ଚାଲିବ ବୋଲି ସଂଯୋଜିକା ଡ. ନିବେଦିତା କର ସୂଚନା ଦେଇଛନ୍ତି। ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବେଶ ଆଗ୍ରହର ସହ ଭାଗ ନେଇଛନ୍ତି।

# ରାଜ୍ୟସ୍ତରୀୟ କବିତା ଆସର 'ଉର୍ମି'

ପୁରୀ, ୧୦।୧୨(ସମିସ): ମହୋଦଧି ଦିବସ ଅବସରରେ ଏକ ରାଜ୍ୟସ୍ତରୀୟ କବିତା ଆସର 'ଉର୍ମି' ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। କବି ଶିବସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରରେ ବିଶିଷ୍ଟ ସାହିତ୍ୟିକ କୁଳମଣି ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବସ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କବି ଡ. ମନସା ଶ୍ରୀଚନ୍ଦନ ଏବଂ ଡ. ପ୍ରଦ୍ୟୁତି ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆସରରେ କବି ଶୈଳବାଳା ମହାପାତ୍ର, ମାନସ ରଞ୍ଜନ ମହାପାତ୍ର, ଉମାକାନ୍ତ ମହାପାତ୍ର, ସନ୍ନ୍ୟାସୀ ନାୟକ, ଶ୍ୟାମପ୍ରକାଶ ସେନାପତି, ମୀନତି ପଟ୍ଟନାୟକ, ଅନ୍ନପୂର୍ଣ୍ଣା ଦେବୀ, ପୌର୍ଣ୍ଣମାସୀ ଦେବୀ, ସୁଶ୍ରୀ ହରପ୍ରିୟା ସାହୁ, ମିନତୀ ମିଶ୍ର, ପ୍ରବାସିନୀ ମିଶ୍ର, ସୁନନ୍ଦା ମହାନ୍ତି, ଶୁଭଶ୍ରୀ ପ୍ରିୟଦର୍ଶିନୀ ପାଢ଼ୀ, ଭବାନୀ ଶଙ୍କର ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, କରୁଣାକର ଭୋଳ ପ୍ରମୁଖ ମହୋଦଧି ଓ ସମୁଦ୍ରକୁ ନେଇ କ୍ଷୁଦ୍ର କବିତା ପାଠ କରିଥିଲେ। କବିମାନଙ୍କୁ ଏହି ଅବସରରେ ପ୍ରଶଂସାପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭେଙ୍କଟେଶ୍ୱର ବିଦ୍ୟାଳୟରେ ଜାତୀୟ ମାନବାଧିକାର ଦିବସ

ନିମାପଡ଼ା, ୧୦।୧୨(ସମିସ): ନିମାପଡ଼ାସ୍ଥିତ ଭେଙ୍କଟେଶ୍ୱର ବିଦ୍ୟାଳୟ ପରିସରରେ ଜାତୀୟ ମାନବାଧିକାର ଓ ସାମାଜିକ ନ୍ୟାୟ ପରିଷଦ ଓଡ଼ିଶା ଶାଖା ଦ୍ୱାରା ଆୟୋଜିତ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ମାନବ ଅଧିକାର ପରିଷଦର ରାଜ୍ୟ ସଚିବ ନରସିଂହ ଚରଣ ମାନସିଂହଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ନିର୍ମଳ କୁମାର ମିଶ୍ର, ନାରୀନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ସମାଜସେବୀ ପଦ୍ମଚରଣ ସାହୁ, ଶ୍ୱେତପର୍ଣ୍ଣ ରାୟ ମହାପାତ୍ର, ସନ୍ତୋଷ କୁମାର ପରିଡ଼ା, ବିଷ୍ଣୁ ପ୍ରସାଦ ଦାଶ, ବିଦ୍ୟାଳୟର ଚେୟାରମ୍ୟାନ ସୁଦର୍ଶନ ଲେଙ୍କା, ରାଜ୍ୟ ସଭାପତି ବାସୁଦେବ ସେଠୀ, ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ନାୟକ, ପୁରୀ ଜିଲ୍ଲା ସଭାପତି ଜୟଶ୍ରୀ ପାତ୍ର ଯୋଗଦେଇ ମାନବ ଅଧିକାର ଦିବସ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି, କୃତି ପ୍ରତିଭା, ଆଇନ୍‌ଜୀବୀ, ସାମାଜୀକ କର୍ମୀମାନଙ୍କୁ ସମ୍ମାନିତ କରାଯାଇଥିଲ।। ଉକ୍ତ କାର୍ଯ୍ୟକ୍ରମରେ ଭେଙ୍କଟେଶ୍ୱର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




# ଜାତୀୟ ସାଇକଲଚାଳନା ପ୍ରତିଯୋଗିତା ଉଦ୍‌ଯାପିତ




ପୁରୀ, ୧୦।୧୨(ସମିସ): ପୁରୀ ଷ୍ଟର୍ଲିଂ ଛକଠାରେ ଅନୁଷ୍ଠିତ ଚାରିଦିନିଆ ୨୯ ତମ ଜାତୀୟ ସାଇକ୍ଲିଂ ଚାମ୍ପିଅନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ରହ୍ମପୁରର ବିଧାୟକ ସିଦ୍ଧାନ୍ତ ମହାପାତ୍ର ସାଇକେଲ ଚାଳନା ଶରୀରକୁ ସୁସ୍ଥ ରଖିବା ସହ ପରିବେଶ ସୁରକ୍ଷାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାୟ ୫୪ ବର୍ଷ ପରେ ପୁରୀରେ ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତା ଆୟୋଜନ ହେବା ଆନନ୍ଦର କଥା। ଏହା ଫଳରେ ଓଡ଼ିଶାର ସାଇକେଲ ଚାଳନାରେ ରୁଚି ବୃଦ୍ଧି ପାଇବ। ସଫଳ ଆୟୋଜନ ପାଇଁ ବିଧାୟକ ଶ୍ରୀ ମହାପାତ୍ର ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ପୁଣି ଏକ ବଡ଼ ଇଭେଣ୍ଟର ଆୟୋଜନ କରାଯିବ ବୋଲି ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜାତୀୟ ସାଇକ୍ଲିଂ ଆସୋସିଏସନର ସମ୍ପାଦକ ମନିନ୍ଦର ପାଲ୍‌ସିଂ, ଓଡ଼ିଶା ଅଲମ୍ପିକ ଆସୋସିଏସନର ସାଧାରଣ ସମ୍ପାଦକ ଅଭିଜିତ ପୌଲ, ଓଡ଼ିଶା ସାଇକ୍ଲିଂ ଆସୋସିଏସନର ସଭାପତି ମିନତୀ ମହାପାତ୍ର, ସମ୍ପାଦକ ପ୍ରସନ୍ନ ରାଉତ ପ୍ରମୁଖ ସାଇକ୍ଲିଂ ପ୍ରତି ଲୋକମାନଙ୍କର ଆଗ୍ରହ ବଢ଼ିବା ସହ ଏହିଭଳି ପ୍ରତିଯୋଗିତା ସେମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ମତ ଦେଇଥିଲେ। ଶେଷରେ ଅତିଥିମାନେ ଶ୍ରେଷ୍ଠ କ୍ରୀଡାବିତ ଓ ଦଳକୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ କ୍ରୀଡା ବିଭାଗର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ ବିବିଧ ସହଯୋଗ ପ୍ରଦାନ କରାଯାଇଥିଲା।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୪.୭୫
- ପାଉଣ୍ଡ ୧୦୮.୯୯
- ୟୁରୋ ୮୯.୮୮
- ୟେନ୍ ୦.୫୬

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୫୧୦.୦୦
- ନିଫ୍ଟି ୨୪,୬୧୦.୦୦



## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୨,୦୫୦ (ନୂଆଦିଲ୍ଲୀ)
- ରୁପା : ୯୭,୦୦୦ (କେଜି)

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# କୁଆଡ଼େ ଗଲେ ୧୧ କୋଟି 'ଜନ-ଧନ ଆକାଉଣ୍ଟଧାରୀ'

**ଖୋଲାଯାଇଛି ୫୪ କୋଟିରୁ ଅଧିକ ଖାତା**

**ଉତ୍ତରପ୍ରଦେଶରେ ସର୍ବାଧିକ ୨ କୋଟି ଆକାଉଣ୍ଟ ନିଷ୍କ୍ରିୟ**

**ରାଜ୍ୟସଭାରେ ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ସୂଚନା**



ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି): ପ୍ରଧାନମନ୍ତ୍ରୀଜନଧନଯୋଜନାଅଧୀନରେକେନ୍ଦ୍ର ସରକାର ମୋଟ ୫୪.୦୩ କୋଟି ଆକାଉଣ୍ଟ ଖୋଲିଥିଲେ। ହେଲେ ଏବେ ଏଥିମଧ୍ୟରୁ ୧୧ କୋଟିରୁ ଅଧିକ ଆକାଉଣ୍ଟଧାରୀଙ୍କର କୌଣସି ପତ୍ତା ମିଳୁନାହିଁ। ଦେଶରେ ବର୍ତ୍ତମାନ ୧୧.୩୦ କୋଟି ଜନଧନ ଆକାଉଣ୍ଟ ନିଷ୍କ୍ରିୟ ରହିଛି। ବନ୍ଦ ପଡିଥିବା ଏହି ଜନଧନ ଖାତାଗୁଡ଼ିକରେ ୧୪,୭୫୦.୨୭ କୋଟି ଟଙ୍କା ଅର୍ଥ ଜମା ରହିଛି। ଆଜି ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ସୂଚନା ଦେଇଛନ୍ତି। ବିରୋଧୀଦଳର ନେତା ମଲ୍ଲିକାର୍ଜୁନ ଖାରଗେ ଗୃହରେ ଧନ ଜନ ଯୋଜନା ଆରମ୍ଭ ହେବା ପରଠାରୁ ଖୋଲାଯାଇଥିବା ଆକାଉଣ୍ଟ ସଂଖ୍ୟା ଏବଂ ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇ ନ ଥିବା ଆକାଉଣ୍ଟଗୁଡ଼ିକର ସଂଖ୍ୟା ବିଷୟରେ ସରକାରଙ୍କଠାରୁ ରାଜ୍ୟସ୍ତ ଅନୁଯାୟୀ, ତଥ୍ୟ ମାଗିଥିଲେ।

ଅର୍ଥ ରାଷ୍ଟ୍ରମନ୍ତ୍ରୀ ସଂସଦରେ କହିଛନ୍ତି ଯେ ୨୦୧୭ରେ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାରେ ନିଷ୍କ୍ରିୟ ଆକାଉଣ୍ଟ ସଂଖ୍ୟା ୩୯.୬୨ ପ୍ରତିଶତ ରହିଥିଲା। ୨୦୨୪ ନଭେମ୍ବର ସୁଦ୍ଧା ନିଷ୍କ୍ରିୟ ଆକାଉଣ୍ଟ ସଂଖ୍ୟା ୨୦.୯୧ ପ୍ରତିଶତକୁ ହ୍ରାସ ପାଇଛି। ରାଜ୍ୟ ଅନୁଯାୟୀ, ଦେଖିଲେ, ଉତ୍ତରପ୍ରଦେଶରେ ଜନଧନ ଯୋଜନା ଅଧୀନରେ ସର୍ବାଧିକ ପ୍ରାୟ ୯.୭୩ କୋଟି ଆକାଉଣ୍ଟ ଖୋଲାଯାଇଛି ଏବଂ ସେଥିମଧ୍ୟରୁ ପ୍ରାୟ ୨.୩୪ କୋଟି ଆକାଉଣ୍ଟ ନିଷ୍କ୍ରିୟ ରହିଛି। ସେହିଭଳି ପଶ୍ଚିମବଙ୍ଗରେ ଖୋଲାଯାଇଥିବା ୫.୨୫ କୋଟି ଆକାଉଣ୍ଟ ମଧ୍ୟରୁ ୭୮.୫ ଲକ୍ଷ ଆକାଉଣ୍ଟ ନିଷ୍କ୍ରିୟ। ଶ୍ରୀ ଚୌଧୁରୀ ଦେଇଥିବା ତଥ୍ୟ ଅନୁଯାୟୀ, ଉପରୋକ୍ତ ନିଷ୍କ୍ରିୟ ଆକାଉଣ୍ଟରେ ମୋଟ ୧୪,୭୫୦.୨୭ କୋଟି ଟଙ୍କା ପଡିରହିଛି।

**୨୧% ଆକାଉଣ୍ଟ ବନ୍ଦ**

ପ୍ରଧାନମନ୍ତ୍ରୀ ଜନଧନ ଯୋଜନାର ୧୦ ବର୍ଷ ପୂର୍ତ୍ତୀ ଅବସରରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ କହିଥିଲେ ଯେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ତଥା ସଶକ୍ତିକରଣ ହାସଲ କରିବା ପାଇଁ ସର୍ବଭାରତୀୟ ତଥା ସୁଲଭ ମୂଲ୍ୟରେ ପ୍ରବେଶ ଏକାନ୍ତ ଆବଶ୍ୟକ। ଏହା ଗରିବ ଲୋକଙ୍କୁ ଅର୍ଥନୀତିର ମୁଖ୍ୟ ସ୍ରୋତରେ ଯୋଡିଥାଏ। ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ଗତ ଦଶନ୍ଧି ମଧ୍ୟରେ ଦେଶର ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣିଛି। ହେଲେ ବାସ୍ତବ ସ୍ଥିତି ଭିନ୍ନ। ସାରା ଦେଶରେ ୫୪.୦୩ କୋଟି ଲୋକ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ଆକାଉଣ୍ଟ ଖୋଲିଥିଲେ। ହେଲେ ବର୍ତ୍ତମାନ ୧୧.୩୦ କୋଟି ଜନଧନ ଆକାଉଣ୍ଟ ନିଷ୍କ୍ରିୟ ରହିଛି, ଯାହା ଯୋଜନାର ଲକ୍ଷ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ଗାଡ଼ି ମୂଲ୍ୟ ବଢ଼ାଇବ ମହିନ୍ଦ୍ରା

**ନୂଆବର୍ଷରୁ ହେବ ଲାଗୁ**

ମୁମ୍ବଇ,୧୦।୧୨(ଏଜେନ୍ସି): ଏସ୍‌ୟୁଭି ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏହାର ଗାଡ଼ି ମୂଲ୍ୟରେ ବୃଦ୍ଧି ଘଟାଇବାକୁ ଯାଉଛି। କମ୍ପାନୀ ଉଭୟ ଏସ୍‌ୟୁଭି ଏବଂ ସିଭି ବର୍ଗରେ ଏହି ମୂଲ୍ୟ ବୃଦ୍ଧି କରିବ। ବର୍ଦ୍ଧିତ ମୂଲ୍ୟ ୨୦୨୫ ଜାନୁଆରୀରୁ ଲାଗୁ ହେବ। ମୁଦ୍ରାସ୍ଫୀତି ଯୋଗୁ ଖର୍ଚ୍ଚରେ ବୃଦ୍ଧି ଏବଂ ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ଯାଉଥିବା କହିଛି। ଗାଡ଼ି ମୂଲ୍ୟରେ ହେବାକୁ ଥିବା ବୃଦ୍ଧିର ଏହି ଅତିରିକ୍ତ ଖର୍ଚ୍ଚକୁ ବହନ କରିବାକୁ କମ୍ପାନୀ ଯଥା ସମ୍ଭବ ଚେଷ୍ଟା କରୁଛି। ହେଲେ ବର୍ଦ୍ଧିତ ମୂଲ୍ୟର ଏକ ଅଂଶ ଗ୍ରାହକଙ୍କ ଉପରକୁ କମ୍ପାନୀ ଛାଡିଛି। ଉପରୋକ୍ତ ପଦକ୍ଷେପ ସ୍ୱରୂପ ବିଭିନ୍ନ ବର୍ଗର ଏସ୍‌ୟୁଭି ଏବଂ ବାଣିଜ୍ୟିକ ଯାନ (ସିଭି) ବର୍ଗରେ କରାଯିବାକୁ ଥିବା ବୃଦ୍ଧି ୩ ପ୍ରତିଶତ ପର୍ଯ୍ୟନ୍ତ ରହିବ ବୋଲି କମ୍ପାନୀ କହିଛି।

# ପିଏନବି ଠକେଇ: ମେହୁଲ ଚୋକ୍‌ସିଙ୍କ ୨୫୦୦ କୋଟିରୁ ଅଧିକ ସମ୍ପତ୍ତିର ବିକ୍ରି ପ୍ରକ୍ରିୟା ଆରମ୍ଭ



ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି): ୧୩ ହଜାର କୋଟି ଟଙ୍କାର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ଋଣ ଠକେଇ ମାମଲାରେ ପଳାତକ ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ବିରୋଧରେ ଅର୍ଥ ହେରଫେର ଭଳି ସଂଘାତିକ ଅଭିଯୋଗ ରହିଛି। ଏହି ଘଟଣାର ଏକ ଅଂଶ ଭାବରେ ଚୋକ୍‌ସିଙ୍କର ୨୫୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି ବିକ୍ରି ପ୍ରକ୍ରିୟା ଇତି ମଧ୍ୟରେ ଆରମ୍ଭ ହୋଇଛି। ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏହି ସୂଚନା ଦେଇଛି। ଫେଡେରାଲ ଏଜେନ୍ସି ଏକ ବିବୃତ୍ତିରେ କହିଛି ଯେ ମୁମ୍ବାଇରେ ଅବସ୍ଥିତ ଏକ ସ୍ୱତନ୍ତ୍ର ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ) କୋର୍ଟ ଦେଇଥିବା ନିର୍ଦ୍ଦେଶକ ମୁତାବକ ଏହି ମାମଲାରେ ଯୋଗ୍ୟ ମାଲିକଙ୍କୁ 'ସମ୍ପତ୍ତି ଫେରସ୍ତ' ଆରମ୍ଭ କରାଯାଇଛି।

କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଅନୁପାଳନ କରି ସମ୍ପତ୍ତି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରି ୧୨୫ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି ଗୀତାଞ୍ଜଳି ଜେମ୍ସ ଲିମିଟେଡ୍ (ଚୋକ୍‌ସିଙ୍କ କମ୍ପାନୀ) ର ଲିକ୍ୱିଡେଟରଙ୍କୁ ହସ୍ତାନ୍ତର କରାଯାଇଛି। ହସ୍ତାନ୍ତର କରାଯାଇଥିବା ସମ୍ପତ୍ତିରେ କେନି ଟାୱାରରେ ୬ଟି ଫ୍ଲାଟ, ପୂର୍ବ ମୁମ୍ବାଇର ସାଣ୍ଟା କ୍ରୁଜ ଏବଂ ସାଣ୍ଟା କ୍ରୁଜ ଇଲେକ୍ଟ୍ରୋନିକ ରପ୍ତାନି ପ୍ରକ୍ରିୟାକରଣ ଜୋନ୍‌ରେ ଅବସ୍ଥିତ ଦୁଇଟି କାରଖାନା/ ଗୋଦାମ ଘର ଅନ୍ତର୍ଭୁକ୍ତ। ପିଏମ୍‌ଏଲ୍‌ଏ ମାମଲାରେ ଇଡି ଚୋକ୍‌ସିଙ୍କର ୨୫୬୫.୯୦ କୋଟି ଟଙ୍କ ମୂଲ୍ୟର ସମ୍ପତ୍ତି ଜବତ କରିଯାଇଛି। କୋର୍ଟ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛି ଯେ ଉକ୍ତ ସମ୍ପତ୍ତିର ନିଲାମ ପରେ ବିକ୍ରି ଆୟ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ଏବଂ ଆଇସିଆଇସିଆଇ ବ୍ୟାଙ୍କ (ପ୍ରଭାବିତ ଋଣଦାତା) ରେ ସ୍ଥିର ଜମା ଆକାରରେ ଜମା ହେବ। ଚୋକ୍‌ସି ଭାରତ ଛାଡିବା ପରେ ୨୦୧୮ଠାରୁ ଆଣ୍ଟିଗୁଆରେ ରହିଆସୁଛନ୍ତି। ୨୦୧୮ରେ ଇଡି ଏବଂ ସିବିଆଇ ଚୋକ୍‌ସି, ତାଙ୍କ ପୁତୁରା, ପଳାତକ ହୀରା ବ୍ୟବସାୟୀ ନିରବ ମୋଦୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଏବଂ କର୍ମଚାରୀ, ବ୍ୟାଙ୍କ ଅଧିକାରୀ ଏବଂ ଅନ୍ୟମାନଙ୍କୁ ପିଏନ୍‌ବିର ବ୍ରାଡି ହାଉସ୍ ଶାଖାରେ ଋଣ ଠକେଇ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ। ଏଜେନ୍ସି ଏ ପର୍ଯ୍ୟନ୍ତ ଚୋକ୍‌ସିଙ୍କ ବିରୋଧରେ ତିନୋଟି ଚାର୍ଜସିଟ୍ ଦାଖଲ କରିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦୀ ବର୍ତ୍ତମାନ ଲଣ୍ଡନ ଜେଲ୍‌ରେ।

# ମୁଣ୍ଡପିଛା ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାର ୩.୧ କେଜି

**ବ୍ୟବହାରରେ ୧୧% ବୃଦ୍ଧି: ଆଇଏସଏସଡିଏ**

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ଇଣ୍ଡିଆନ୍ ଷ୍ଟେନଲେସ୍ ଷ୍ଟିଲ୍ ଡେଭଲପମେଣ୍ଟ ଆସୋସିଏସନ୍ (ଆଇଏସଏସଡିଏ) ଅନୁଯାୟୀ, ଭାରତରେ ଷ୍ଟେନଲେସ୍ ଷ୍ଟିଲର ବ୍ୟବହାର ବଢ଼ିଛି। ଆର୍ଥିକବର୍ଷ-୨୩ରେ ଷ୍ଟେନଲେସ୍ ଷ୍ଟିଲର ବ୍ୟବହାର ୪.୦୨ ନିୟୁତ ଟନ୍ ରହିଥିବାବେଳେ ୨୦୨୪ ଆର୍ଥିକବର୍ଷରେ ଏଥିରେ ୧୧% ବୃଦ୍ଧି ଘଟି .୪୬ ନିୟୁତ ଟନ୍‌ରେ ପହଞ୍ଚିଛି। ଏଥିରେ ଉଭୟ ଫ୍ଲାଟ୍ ଓ ଲମ୍ବା ଉତ୍ପାଦ ଅନ୍ତର୍ଭୁକ୍ତ। ଦେଶରେ ମୁଣ୍ଡପିଛା ଷ୍ଟେନଲେସ୍ ଷ୍ଟିଲ ବ୍ୟବହାର ଆର୍ଥିକ ବର୍ଷ ୨୦୧୯ରେ ୨.୨୫ କିଲୋଗ୍ରାମ (କେଜି) ଥିବା ବେଳେ ୨୦୨୪ ଆର୍ଥିକବର୍ଷରେ ଏହା ୩.୧ କିଲୋଗ୍ରାମକୁ ବୃଦ୍ଧି ପାଇଛି।



ଷ୍ଟେନଲେସ ଷ୍ଟିଲର ସାମଗ୍ରିକ ସ୍ଥାୟୀତା ଗୁଣ, କ୍ଷୟପ୍ରତିରୋଧ, ସ୍ଥାୟୀତ୍ୱ, ଦୃଢ଼ତା କାରଣରୁ ଭିତିଭୂମି ନିର୍ମାଣ, ପ୍ରକ୍ରିୟାକରଣ ଶିଳ୍ପ, ରେଳ ଭଳି କ୍ଷେତ୍ରରେ ଷ୍ଟେନଲେସ୍ ଇସ୍ପାତକୁ ଅଧିକ ପସନ୍ଦ କରାଯାଉଛି ବୋଲି ଏହି ପରିସଂଖ୍ୟାନ ଦର୍ଶାଉଛି। ୨୦୪୭ ସୁଦ୍ଧା ଭାରତ ୪୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଲକ୍ଷ୍ୟ ରଖିଥିବା ବେଳେ ମୋଟ ଘରୋଇ ଉତ୍ପାଦର ପ୍ରମୁଖ ଯୋଗଦାନ କରୁଥିବା ନିର୍ମାଣ, ଭିତିଭୂମି ଏବଂ ଉତ୍ପାଦନ ଭଳି କ୍ଷେତ୍ର ଷ୍ଟେନଲେସ୍ ଷ୍ଟିଲ ଚାହିଦା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ଆଇଏସଏସଡିଏ ଅନୁଯାୟୀ, ଷ୍ଟେନଲେସ୍ ଷ୍ଟିଲର ଚାହିଦା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ୨୦୩୦ ସୁଦ୍ଧା ମୁଣ୍ଡପିଛା ବ୍ୟବହାର ୪.୫-୫.୫ କିଲୋଗ୍ରାମ ହେବ। ଏଥିରେ ବିକଳ୍ପ ଶକ୍ତି, ଇଥାନଲ ଉତ୍ପାଦନ, ଜଳ ସଂରକ୍ଷଣ ଏବଂ ଜାତୀୟ ବିକାଶର ଅନ୍ୟାନ୍ୟ ପ୍ରମୁଖ ପ୍ରକଳ୍ପଗୁଡ଼ିକ ସହାୟକ ହେବ।

# ସଙ୍କଟରେ ଆଦାନୀର ଗୋଡ୍ଡା ପାୱାର୍ ପ୍ଲାଣ୍ଟ

**ବାଂଲାଦେଶରେ ଫସିଛି ୭୯ କୋଟି ଡ଼ଲାର**

**ସରକାରଙ୍କୁ ଟିକସ ରିଆତି ମାଗୁଛି କମ୍ପାନୀ**



ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି): ଭାରତ ଏବଂ ଏସିଆର ଦ୍ୱିତୀୟ ଧନୀ ବ୍ୟକ୍ତି ଗୌତମ ଆଦାନୀଙ୍କ ୨ ବିଲିୟନ ଡଲାରର ଗୋଡ୍ଡା ପାୱାର ପ୍ଲାଣ୍ଟ ବିପଦରେ ରହିଛି। ଏହି ପ୍ଲାଣ୍ଟରୁ ବାଂଲାଦେଶକୁ ବିଦ୍ୟୁତ୍ ଯୋଗାଣ କରାଯାଇଥାଏ, କିନ୍ତୁ ବର୍ତ୍ତମାନ ସେଠାରେ ଥିବା ସରକାର ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ବାବଦ ବକେୟା ଦେୟ ପ୍ରଦାନ କରିନାହାଁନ୍ତି। ଯାହା ଫଳରେ ଆଦାନୀ ଗ୍ରୁପର ବାଂଲାଦେଶରେ ବିଦ୍ୟୁତ୍ ଯୋଗାଣ ବାବଦ ୭୯ କୋଟି ଡ଼ଲାର ଅର୍ଥ ଫସିରହିଛି। କେବଳ ବାଂଲାଦେଶକୁ ବିଦ୍ୟୁତ ବିକ୍ରି କରିବା ଲକ୍ଷ୍ୟ ରଖି ଆଦାନୀ ଗ୍ରୁପ ଗୋଡ୍ଡା ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରିଥିଲା। ଅପରପକ୍ଷେ ଅଗଷ୍ଟ ମାସରେ ଶକ୍ତି ମନ୍ତ୍ରଣାଳୟ ଭାରତରେ ଏହି ପ୍ଲାଣ୍ଟରୁ ବିଦ୍ୟୁତ ବିକ୍ରି କରିବାକୁ ଆଦାନୀ ଗ୍ରୁପକୁ ଅନୁମତି ଦେଇଥିଲା। କିନ୍ତୁ ଏଥିରେ ଏକ ବଡ଼ ସମସ୍ୟା ରହିଛି। ଏହାହେଲେ ବାଂଲାଦେଶକୁ ବିଦ୍ୟୁତ୍ ଯୋଗାଣ କରି ବକେୟା ସମସ୍ୟାରେ ଫସିଯାଇଥିବା ଆଦାନୀ ପାୱାରର ଆର୍ଥିକ ସ୍ଥିତି ଆହୁରି ଖରାବ ହୋଇଯିବ। ଏପରି ପରିସ୍ଥିତିରେ ଆଦାନୀ ଗ୍ରୁପ ଭାରତ ସରକାରଙ୍କୁ ଟିକସ ରିଆତି ମାଗିଛି।

ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଆଦାନୀ ଗ୍ରୁପର ଗୋଡ୍ଡା କାରଖାନା ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ଅଧୀନରେ ଆସୁଛି, ଯାହା ଏହା ପାଇଁ ବଡ ପ୍ରତିବନ୍ଧକ। ଏଥିରୁ ଉତ୍ପାଦିତ ବିଦ୍ୟୁତ୍ ଆମଦାନୀ ଭାବରେ ବିବେଚନା କରାଯିବ ଏବଂ କମ୍ପାନୀ ଏହା ଉପରେ ଟିକସ ଦେବାକୁ ପଡିବ। ଆମଦାନୀ ହୋଇଥିବା କୋଇଲା ଉପରେ ଶୁଳ୍କ ଛାଡ କରିବାକୁ ଆଦାନୀ ଗ୍ରୁପ ଏବେ ସରକାରଙ୍କ ନିକଟରେ ଗୁହାରି କରିଛି। ଯଦି ବାଣିଜ୍ୟ ମନ୍ତ୍ରଣାଳୟ ଏହି ରିହାତି ପ୍ରଦାନ ନ କରେ, ତେବେ ଏହି ପ୍ଲାଣ୍ଟରେ ଉତ୍ପାଦିତ ବିଦ୍ୟୁତ୍‌କୁ ଆମଦାନୀ ବୋଲି ଧରାଯିବ ଏବଂ ତାହା ଉପରେ କମ୍ପାନୀ ଟିକସ ଦେବ। ଆଦାନୀ ଗ୍ରୁପ୍ ଏହି ୧.୬ ଜିଡବ୍ଲ୍ୟୁ ପ୍ଲାଣ୍ଟରେ ଆମଦାନୀ ପକରୁଥିବା କୋଇଲା ବ୍ୟବହାର କରିଥାଏ। ଏକ ସୂତ୍ରରୁ ପ୍ରକାଶ ଯେ ଯଦି ସରକାର କୋଇଲା ଆମଦାନୀ ଉପରେ ରିହାତି ପ୍ରଦାନ କରନ୍ତି ନାହିଁ, ତେବେ କମ୍ପାନୀ ପାଇଁ ଭାରତରେ ବିଦ୍ୟୁତ୍ ବିକ୍ରି କରିବା ସମ୍ଭବପର ହେବନାହିଁ। ବାଂଲାଦେଶର ପ୍ରାୟ ଏକ ଦଶମାଂଶ ବିଦ୍ୟୁତ୍ ବ୍ୟବହାର ଆଦାନୀର ଗୋଡ୍ଡା ପ୍ଲାଣ୍ଟରୁ ଆସିଥାଏ।

# ବେଦାନ୍ତ ଆଲୁମିନିୟମ ସହଯୋଗରେ ଚାଷୀ ଆଣିଲେ 'ବେଦମ୍ରିତ ମହୁ'



ଭୁବନେଶ୍ୱର,୧୦।୧୨(ସମିସ): ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସହଯୋଗରେ କୃଷକମାନେ ଲାଇକେରା ହନିଫେଡ୍ କୃଷକ ଉତ୍ପାଦକ ସଂଗଠନ ଅଧୀନରେ କାର୍ଯ୍ୟ କରୁଥିବା କୁଶଳୀ ମହୁ ଚାଷୀଙ୍କ ଦ୍ୱାରା ନିର୍ମିତ ଏକ ପ୍ରିମିୟମ, ୧୦୦% ପ୍ରାକୃତିକ ମହୁକୁ ଉନ୍ମୋଚନ କରାଯାଇଛି। ଲାଇକେରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଏକତ୍ରିତ ହୋଇ ନିରନ୍ତର ଜୀବିକାକୁ ପ୍ରୋତ୍ସାହିତ କରିଥିଲେ। କୃଷକଙ୍କୁ ଆଧୁନିକ ମହୁମାଛି ଚାଷରେ ସଶକ୍ତ ଏବଂ ଉଚ୍ଚମାନର ମହୁଫେଣା ବାକ୍ସ, ମହୁମାଛି ପାଳନରେ ବ୍ୟାପକ ତାଲିମ ପ୍ରଦାନ କରାଯାଇଛି। ୧୦୦ରୁ ଅଧିକ ମହୁମାଛି କୃଷକ ମାଗଣା ତାଲିମ ଲାଭ କରିଥିବା ବେଦାନ୍ତ ଆଲୁମିନିୟମ ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି।

# ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ନିବେଶ ୧୪% କମିଲା




ମୁମ୍ବଇ,୧୦।୧୨(ଏଜେନ୍ସି): ଷ୍ଟକ୍ ବଜାରରେ ଅସ୍ଥିରତା ସତ୍ତ୍ୱେ ମ୍ୟୁଚୁଆଲ୍ ଫଣ୍ଡରେ ବିଶେଷ କରି ଇକ୍ୱିଟି ସ୍କିମ୍ ଗୁଡିକରେ ପାଣି ପ୍ରବାହ ବଢ଼ିବାରେ ଲାଗିଛି। ହେଲେ ଚଳିତ ବର୍ଷ ନଭେମ୍ବରରେ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ୧୪% ହ୍ରାସ ଘଟିଛି। ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡରେ ବିନିଯୋଗ ଚଳିତ ବର୍ଷ ନଭେମ୍ବରରେ ୩୫,୯୪୩ କୋଟି ଟଙ୍କା ରହିଥିଲା। ଅକ୍ଟୋବର ତୁଳନାରେ ଏଥିରେ ପ୍ରାୟ ୧୪ ପ୍ରତିଶତ କମ୍ ନିବେଶ ଆସିଛି। ଅବଶ୍ୟ, ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡ କ୍ରମାଗତ ଭାବେ ୪୫ ମାସ ପାଇଁ ପାଣ୍ଠି ପ୍ରବାହରେ ରେକର୍ଡ କରିଛି। ଅପରପକ୍ଷେ ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) କଥା କହିଲେ, ନିବଶେକଙ୍କ ମଧ୍ୟରେ ଏହାର ଚାହିଦା ବଢ଼ିବାରେ ଲାଗିଛି। କ୍ରମାଗତ ଭାବେ ଦ୍ୱିତୀୟ ମାସ ପାଇଁ ନଭେମ୍ବରରେ ଏସ୍‌ଆଇପିରେ ୨୫ ହଜାର କୋଟିରୁ ଅଧିକ ନିବେଶ ଆସିଛି।

ଭୂ-ଭୌଗୋଳିକ ରାଜନୈତିକ ଉତ୍ତେଜନା, ଆମେରିକାର ନିର୍ବାଚନ ଫଳାଫଳ ଏବଂ ଅନ୍ୟାନ୍ୟ କାରଣରୁ ବିଶାଳ ପରିବର୍ତ୍ତନ ମଧ୍ୟରେ ଖୁଚୁରା ନିବେଶକମାନେ ମ୍ୟୁଚୁଆଲ୍ ଫଣ୍ଡ ପ୍ରତି ବେଶ ଆଗ୍ରହୀ। ଏଏମ୍‌ଏଫ୍‌ଆଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ନଭେମ୍ବରରେ ଋଣ ପାଣ୍ଠିରେ ନିବେଶ ୧୨,୯୧୬ କୋଟି ଏବଂ ହାଇବ୍ରିଡ ପାଣ୍ଠିରେ ୪,୧୨୪ କୋଟି ଟଙ୍କା ବୃଦ୍ଧି ଘଟିଛି। ଅକ୍ଟୋବରରେ, ଇକ୍ୱିଟି ପାଣ୍ଠିରେ ୪୧,୮୮୭ କୋଟି, ଋଣ ପାଣ୍ଠିରେ ୧.୫୭ ଲକ୍ଷ କୋଟି ଏବଂ ହାଇବ୍ରିଡ ପାଣ୍ଠିରେ ୧୬,୮୬୩ କୋଟି ଟଙ୍କାର ପାଣ୍ଠି ପ୍ରବାହ ହୋଇଥିଲା। ପରିସଂଖ୍ୟାନ ଅନୁଯାୟୀ, ନିବେଶକମାନେ ଏସ୍‌ଆଇପି ମାଧ୍ୟମରେ ବହୁ ଅର୍ଥ ବିନିଯୋଗ କରୁଛନ୍ତି। ନଭେମ୍ବରରେ ଏସ୍‌ଆଇପିରେ ୨୫,୩୨୦ କୋଟି ଟଙ୍କାର ନିବେଶ ହୋଇଛି। ତେବେ ଅକ୍ଟୋବରରେ ଏହି ସଂଖ୍ୟା ୨୫,୩୨୩ କୋଟି ଟଙ୍କା ଥିଲା। ଅପରପକ୍ଷେ ସେପ୍ଟେମ୍ବରରେ ଏସ୍‌ଆଇପିରେ ୨୪,୫୦୯ କୋଟି ଏବଂ ଅଗଷ୍ଟରେ ୨୩,୫୪୭ କୋଟି ଟଙ୍କାର ରେକର୍ଡ ନିବଶେ ଆସିଥିଲା। ମ୍ୟୁଚୁଆଲ୍ ଫଣ୍ଡ ହାଉସ୍ଗୁଡିକ ନୂତନ ଯୋଜନା ମାଧ୍ୟମରେ ମୋଟ ୪୦୫୨ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିଥିଲେ। ଏଏମ୍‌ଏଫ୍‌ଆଇ ତଥ୍ୟ ଅନୁଯାୟୀ, ନଭେମ୍ବର ମାସରେ ଇକ୍ୱିଟି ଫଣ୍ଡରେ ନେଟ୍ ଆଧାରରେ ୩୫,୯୪୩.୪୯ କୋଟି ଟଙ୍କା ବିନିଯୋଗ ହୋଇଥିଲା। ସର୍ବାଧିକ ନିବେଶ କ୍ଷେତ୍ର ଭିତ୍ତିକ ପାଣ୍ଠିରେ ୭୬୫୮ କୋଟି ଏବଂ ଫ୍ଲେକ୍ସି କ୍ୟାପ୍‌ରେ ୫,୦୮୪ କୋଟି ଟଙ୍କା ଥିଲା। ଏହା ବ୍ୟତୀତ ମିଡ୍‌କ୍ୟାପ ପାଣ୍ଠିରେ ୪୮୮୪ କୋଟି ଟଙ୍କା, ଲାର୍ଜ ଏବଂ ମିଡକ୍ୟାପ ପାଣ୍ଠିରେ ୪,୬୮୦ କୋଟି, ସ୍ମଲ୍ କ୍ୟାପରେ ୪,୧୧୨ କୋଟି, ମଲ୍ଟିକ୍ୟାପ୍‌ରେ ୩୬୨୬ କୋଟି, ଲାର୍ଜକ୍ୟାପ୍‌ରେ ୨୫୪୮ କୋଟି ଏବଂ ଇକ୍ୱିଟିରେ ୬୧୮ କୋଟି ଟଙ୍କାର ନିବେଶ ଆସିଥିଲା।

# ୧୨ରେ ଆସିବ ଇଭେଞ୍ଚରସ୍ ନଲେଜ୍ ସଲ୍ୟୁସନ୍ସ ଆଇପିଓ

ମୁମ୍ବଇ,୧୦।୧୨(ଏଜେନ୍ସି): ଇଭେଞ୍ଚରସ୍ ନଲେଜ୍ ସଲ୍ୟୁସନ୍ସ ଲିମିଟେଡ୍ ଏହାର ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) କୁ ଡିସେମ୍ବର ୧୨ ଗୁରୁବାର ଖୋଲିବାକୁ ପ୍ରସ୍ତାବ ରଖିଛି। ଆଙ୍କର ନିବେଶକମାନେ ବିଡ୍ ଖୋଲିବାର ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ଡିସେମ୍ବର ୧୧ରେ ବିଡ୍ ଦାଖଲ କରିପାରିବେ ଏବଂ ୨୦୨୪ ଡିସେମ୍ବର ୧୬, ସୋମବାର ଦିନ ବିଡ୍ ବନ୍ଦ ହେବ। ଏହି ଇସ୍ୟୁରେ ଇକ୍ୱିଟି ସେୟାର ପିଛା ଦାମ୍ ୧୨୬୫ ଟଙ୍କାରୁ ୧୩୨୯ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ସର୍ବନିମ୍ନ ୧୧ଟି ସେୟାର ପାଇଁ ବିଡ୍ ଦାଖଲ କରିହେବ ଏବଂ ଏହା ପରେ ୧୧ଟି ଲେଖାଏଁ ଇକ୍ୱିଟି ସେୟାରକୁ ସେଥିରେ ଯୋଡ଼ାଯାଇପାରିବ। ଏଥିରେ ଅଫର୍ ଫର୍ ସେଲ୍‌ରେ ୧୮,୭୯୫,୫୧୦ ଇକ୍ୱିଟି ସେୟାରକୁ ଅଂଶଧନକାରୀମାନେ ବିକ୍ରି କରିବେ।

# ଟିପିସିଓଡିଏଲ୍‌ର 'ବିଲ୍ ପେ ଆଣ୍ଡ ୱିନ୍' ସ୍କିମ୍



ଭୁବନେଶ୍ୱର,୧୦।୧୨(ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଉପଭୋକ୍ତାଙ୍କୁ ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ଉତ୍ସାହିତ କରିବା ଲାଗି 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍'ର ଶୁଭାରମ୍ଭ କରାଯାଇଛି। ଏହି ସ୍କିମ୍‌ରେ ଶୂନ ବକେୟା ସ୍ଥିତି ବଜାୟ ରଖିଥିବା ଓ ଡିଜିଟାଲ୍ ମାଧ୍ୟମରେ ବିଲ୍ ପୈଠ କରୁଥିବା ଉପଭୋକ୍ତାମାନଙ୍କୁ ରିୱାର୍ଡ ପ୍ରଦାନ କରାଯାଉଛି। ସ୍କିମ୍ ଅନୁଯାୟୀ ଯେଉଁ ଉପଭୋକ୍ତାମାନେ ଠିକ୍ ସମୟରେ ଓ ଡିଜିଟାଲ୍ ମାଧ୍ୟମରେ ବିଲ୍ ପ୍ରଦାନ କରୁଛନ୍ତି ସେମାନେ ଲକି ଡ୍ର'ରେ ଆକର୍ଷଣୀୟ ପୁରସ୍କାର ଜିତିବା ଲାଗି ଯୋଗ୍ୟ ବିବେଚିତ ହେଉଛନ୍ତି। ଏହି ଅଭିଯାନ ଦାୟିତ୍ୱବାନ ଉପଭୋକ୍ତାମାନଙ୍କୁ ରିୱାର୍ଡ ପ୍ରଦାନ କରିବା ସହିତ ଡିଜିଟାଲ୍ ପେମେଣ୍ଟର ପ୍ରସାର କରିବ ଯାହା ହେଉଛି ସୁବିଧାଜନକ ଓ ପରିବେଶ ମିତବ୍ୟୟୀ। ସ୍କିମ୍ର ଅଂଶ ସ୍ୱରୂପ ଉପଭୋକ୍ତାମାନେ ୪ ପ୍ରତିଶତର ଡିଜିଟାଲ୍ ରିହାତି ଭଳି ଅତିରିକ୍ତ ସୁବିଧା ଓ ଠିକ୍ ସମୟରେ ବିଲ୍ ପୈଠ ପାଇଁ ୟୁନିଟ୍ ପିଛା ୧୦ ପଇସାର ତ୍ୱରିତ ରିହାତି ପାଇପାରୁଛନ୍ତି।

ଚାଲିଛି ପର୍ଯ୍ୟଟନ ଋତୁ

# ବଲାଙ୍ଗୀ ପାର୍କ ପାଲଟିଛି ଆକର୍ଷଣ

ନୟାଗଡ଼,୧୦।୧୨(ସମିସ): ନୟାଗଡ଼ ଜିଲ୍ଲା ପୌର ପରିଷଦ ଅନ୍ତର୍ଗତ ବଲାଙ୍ଗୀପାର୍କ ଏବେ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପାଲଟିଛି। ବଳରାମ ପାହାଡ଼ କୋଳରେ ନିର୍ମାଣ କରାଯାଇଥିବା ଏହି ପାର୍କର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ସୋମବାର ବଲାଙ୍ଗୀ ପାର୍କକୁ ବିଦେଶୀ ପର୍ଯ୍ୟଟକ ଆସି ବୁଲି ଦେଖିବା ସହ ଆତ୍ମବିଭୋର ହୋଇଛନ୍ତି। ପ୍ରତ୍ୟେକ ଦିନ ପାର୍କ ବୁଲିବା ପାଇଁ ଅନେକ ଟୁରିଷ୍ଟ ବସ୍ ଲାଗୁଥିବା ବେଳେ ପାର୍କକୁ ଅଧିକ ସୌନ୍ଦର୍ଯ୍ୟମୟ ଏବଂ ଯୋଜନା ଅନୁସାରେ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଶୀଘ୍ର କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ନୟାଗଡ଼ ସହର ଉପକଣ୍ଠରେ ରହିଥିବା ବଲାଙ୍ଗୀ ବନ୍ଧ ଦିନେ ଲୋକଙ୍କ ଶୁଦ୍ଧିକାର୍ଯ୍ୟ ପାଇଁ ବ୍ୟବହାରରେ ଆସୁଥିଲା ବନ୍ଧ ଉପରେ ଶ୍ମଶାନ ରହିଥିଲା। ଏହାକୁ ବିଶ୍ୱସ୍ତରୀୟ ପାର୍କରେ ପରିଣତ କରିବାକୁ

- ପ୍ରଥମ ବିଦେଶୀ ପର୍ଯ୍ୟଟକଙ୍କ ଭ୍ରମଣ
- ପ୍ରତ୍ୟେକ ଦିନ ଲାଗୁଛି ଟୁରିଷ୍ଟ ବସ୍



ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ପରିକଳ୍ପନା କରିଥିଲେ। ବିଭିନ୍ନ ବିଭାଗ ସହଯୋଗରେ ପାର୍କ କାମ ୭୦ ପ୍ରତିଶତ ଶେଷ ହୋଇଛି। ପାର୍କ ପରିସରରେ ବିଭିନ୍ନ ବଗିଚା, ନୌକା ବିହାର ସହ ଶିଶୁ ଉଦ୍ୟାନ, ପଥର କାରୁକାର୍ଯ୍ୟ, ଅନେକ ବ୍ୟବସ୍ଥା ହୋଇଛି। ୱାଟର ମ୍ୟୁଜିକ୍ ଫାଉଣ୍ଟେନ୍ ଏବଂ କୃତ୍ରିମ ଝରଣା ଆକର୍ଷଣୀୟ ପାଲଟିଛି। ଏହା ସହିତ ପାର୍କ ନିକସ୍ଥ ପାହାଡ଼ ଉପରେ କଟେଜ୍, ରୋପ ୱେ, ଟଏ୍ ଟ୍ରେନ୍ ଭଳି ଅନେକ ଆବଶ୍ୟକୀୟ କାର୍ଯ୍ୟ ହୋଇପାରିନାହିଁ। ଭିତ୍ତିଭୂମି କାର୍ଯ୍ୟ ପ୍ରାୟତଃ ଶେଷ ହୋଇଥିବା ବେଳେ ପାର୍କକୁ ବିଶ୍ୱସ୍ତରୀୟ କରିବା ପାଇଁ ଅନେକ କାର୍ଯ୍ୟ ବାକି ରହିଛି। ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ସହରବାସୀଙ୍କ ଗହଳି ଲାଗି ରହୁଥିବା ବେଳେ ବିଭିନ୍ନ ସ୍ଥାନରୁ ଆସୁଥିବା ପର୍ଯ୍ୟଟକଙ୍କ ଭିଡ଼ ମଧ୍ୟ ଜମୁଛି। ରାଜ୍ୟ ସରକାର ନୟାଗଡ଼ ବଲାଙ୍ଗୀପାର୍କ ପାଇଁ ସ୍ୱତନ୍ତ୍ର ଅନୁଦାନ ବ୍ୟବସ୍ଥା କରିବା ସହ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହାକୁ ସ୍ଥାନ ଦେବାକୁ ଦାବି ହେଉଛି।

ପଠାଣି ସାମନ୍ତ ମହାବିଦ୍ୟାଳୟ

## ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ

ଖଣ୍ଡପଡ଼ା,୧୦।୧୨(ସମିସ): ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀଙ୍କୁ ନେଇ ଗତ ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ ପ୍ରତିଯୋଗିତା ଓ ୫ ତାରିଖଠାରୁ ୭ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ୮ ଶହରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉକ୍ତ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ରବୀନ୍ଦ୍ର କୁମାର



ମିଶ୍ର ଯୋଗଦେଇ ୩ ଶହରୁ ଊର୍ଦ୍ଧ୍ୱ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟାପକ ସର୍ବେଶ୍ୱର ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଦୀପା ମହାନ୍ତି ସାଂସ୍କୃତିକ ବିଭାଗର ଓ ଅଧ୍ୟାପିକା ନମିତା ବେହେରା କ୍ରୀଡ଼ା ବିଭାଗର କୃତୀ ପ୍ରତିଯୋଗୀଙ୍କର ନାମ ପଠନ କରିଥିଲେ। କ୍ରୀଡ଼ା ଶିକ୍ଷକ ସତ୍ୟଜିତ ଦାଶ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ରାଜ କିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

■ ପ୍ରଶାସନିକ ଅବହେଳା ଅଭିଯୋଗ

## ଭତ୍ତାରୁ ବଞ୍ଚିତ ଶତାଧିକ ହିତାଧିକାରୀ

ନୟାଗଡ଼,୧୦।୧୨(ସମିସ): ଭତ୍ତା ପାଇବାକୁ ଦେଢ଼ ହଜାର ଆଶାୟୀ ହିତାଧିକାରୀ ଅପେକ୍ଷାରେ ରହିଛନ୍ତି। ଭତ୍ତା ପ୍ରଦାନ ପାଇଁ ବ୍ଲକ ନିକଟରେ ଦେଢ଼ ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ସଂଖ୍ୟା ଖାଲିଥିଲା ବେଳେ ଜିଲ୍ଲା ପ୍ରଶାସନ ସେମାନଙ୍କ ଆବେଦନକୁ ପକାଇ ରଖିବା ହିତାଧିକାରୀଙ୍କୁ ବ୍ୟଥିତ କରିଛି। ଏପରି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ। ବ୍ଲକର କୋଡ଼ିଏ ପଞ୍ଚାୟତରୁ ବର୍ତ୍ତମାନ ଦେଢ଼ ହଜାର ଅଧିକ ଭତ୍ତା ଆଶାୟୀ ଭତ୍ତାଟିଏ ପାଇଁ ଦୀର୍ଘ ଦିନ ହେଲା ଅନ୍‌ଲାଇନରେ ଆବେଦନ କରି ଭତ୍ତା ପାଇବାକୁ ଅପେକ୍ଷା କରି ରହିଛନ୍ତି। ଅଧିକ ନୂତନ ଭତ୍ତା ମଞ୍ଜୁର ହୋଇ ନଥିଲେ ହେଁ ଭତ୍ତା ପାଉଥିବା କିଛି ବୃଦ୍ଧବୃଦ୍ଧାଙ୍କ ମୃତ୍ୟୁ ପରେ ବ୍ଲକରେ ଦେଢ ଶହ ଖାଲି ରହିଛି। ମାତ୍ର ଦୁଇ ମାସ ହେଲା ବ୍ଲକ ପ୍ରଶାସନ ଏନେଇ ଜିଲ୍ଲା ପ୍ରଶାସନ ନିକଟକୁ ଚିଠି କରିଥିଲେ ହେଁ ଜିଲ୍ଲା ପ୍ରଶାସନ ବେଫିକର ହୋଇ ଫାଇଲ ଚାପି ଧରି ବସିଥିବା ଅଭିଯୋଗ ହୋଇଛି। ବିଧବା, ଭିନ୍ନକ୍ଷମ ଓ ବୃଦ୍ଧବୃଦ୍ଧାଙ୍କୁ ସରକାର ଯୋଗାଇ ଦେଉଥିବା ସହାୟତାକୁ କେଉଁ ଉଦ୍ଦେଶ୍ୟରେ ଓ କାହିଁକି ଜିଲ୍ଲା ଅଧିକାରୀ ପ୍ରଦାନ କରିବାରେ ପଛ ଘୁଞ୍ଚା ଦେଉଛନ୍ତି ତାହା ଜଣାପଡୁ ନାହିଁ। ଏହାଫଳରେ ବିଧବା, ଭିନ୍ନକ୍ଷମ ଓ ବୃଦ୍ଧବୃଦ୍ଧାମାନେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ଏନେଇ ଜିଲ୍ଲାପାଳ ପଦକ୍ଷେପ ନେବାକୁ ଆଶାୟୀ ହିତାଧିକାରୀମାନେ ନିବେଦନ କରିଛନ୍ତି।

## ବଦଳିଲେ ବିବାଦୀୟ ଶ୍ରମ ଅଧିକାରୀ

ନୟାଗଡ଼,୧୦।୧୨(ସମିସ): ନୟାଗଡ଼ ଜିଲ୍ଲା ଶ୍ରମ ବିଭାଗରେ କାର୍ଯ୍ୟରତ ବିବାଦୀୟ ଶ୍ରମ ଅଧିକାରୀ ସୁଧିର କୁମାର ସାହୁଙ୍କ ବଦଳି ହୋଇଛି। ତାଙ୍କୁ ଶ୍ରମ ବିଭାଗ ଯାଜପୁର ଜିଲ୍ଲାକୁ ବଦଳି କରିଥିବା ବେଳେ ତାଙ୍କ ସ୍ଥାନରେ ଯାଜପୁର ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତିଙ୍କର ନୟାଗଡ଼ ବଦଳି ହୋଇଛି। କିଛିଦିନ ତଳେ ଚଢ଼େୟାପଲ୍ଲୀଠାରେ ଏକ ସଚେତନତା ସଭା ନାଁରେ ସାଧାରଣ ଲୋକଙ୍କୁ ନୟାଗଡ଼ ଶ୍ରମ ଅଧିକାରୀ ଶ୍ରୀ ସାହୁ ଭ୍ରମିତ କରୁଥିବା ବେଳେ ଆକ୍ରୋଶର ଶିକାର ହୋଇଥିଲେ। ଲୋକମାନେ ତାଙ୍କୁ ତାଲା ପକାଇ ରଖିଥିଲେ। ଏହା ସହିତ ଟ୍ରେଡ୍ ୟୁନିୟନ୍ ସହ ବିବାଦ, ଶ୍ରମିକ ନେତାଙ୍କୁ ମିଥ୍ୟା ମାମଲା କରି ଗିରଫ କରାଇବା ଭଳି ଅନେକ ଘଟଣା ନୟାଗଡ଼ରେ ଦେଖାଯାଇଥିଲା। କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କୁ ହାତ ବାରିଶ କରି ଶ୍ରମ ଅଧିକାରୀ ଗଣମାଧ୍ୟମକୁ ସାମ୍ବାଦିକଙ୍କ ବିରୋଧରେ ଚିଠି କରିଥିବା ମଧ୍ୟ ଜଣାପଡ଼ିଥିଲା। ରାଜ୍ୟ ଶ୍ରମ ବିଭାଗ ତାଙ୍କର ବଦଳି କରିବା ପରେ ଶ୍ରମିକ ଏବଂ ଶ୍ରମିକ ସଂଗଠନ ମଧ୍ୟରେ ଆଶ୍ୱସ୍ତି ଦେଖାଯାଇଛି। ରାଜ୍ୟ ସରକାର ଯଥାଶୀଘ୍ର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ମଧ୍ୟ ଜିଲ୍ଲାରୁ ବଦଳି କରିବାକୁ ଦାବି ହୋଇଛି।

## ପୂର୍ବତନ ସରପଞ୍ଚଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ

ନୟାଗଡ଼,୧୦।୧୨(ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ଡମସାହି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ହରିଚନ୍ଦନଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି। ଅର୍ଥ ହେରାଫେରି ଘଟଣାରେ ଭିଜିଲାନ୍ସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ସେ ସରପଞ୍ଚ ଥିବା ସମୟରେ ପଞ୍ଚାୟତ ଫଣ୍ଡରୁ ଜାଲିଆତି କରି ୪ ଲକ୍ଷ ୮୪ ହଜାର ଟଙ୍କା ଆତ୍ମସାତ୍ କରିଥିଲେ। ଏନେଇ ଅଭିଯୋଗ ପରେ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। ଏହି ମାମଲାର ବିଚାର ଚାଲିଥିବା ବେଳେ ଆଜି କୋର୍ଟ ତାଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ସହ ୨୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

## ମାନବାଧିକାର ଦିବସ ପାଳିତ

ଓଡ଼ଗାଁ,୧୦।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁଠାରେ ଅବସ୍ଥିତ ନୟାଗଡ଼ ସରକାରୀ ପଲିଟେକନିକ୍ ପରିସର ମଧ୍ୟରେ ଓଡ଼ଗାଁ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣ ସଚିବ ତଥା ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମାନସ ରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ଗାଁ ଦେୱାନି (ବରିଷ୍ଠ) ଅଦାଲତର ବିଚାରପତି ଜନ୍ମେଜୟ ଦାସ, ଓଡ଼ଗାଁ ଗ୍ରାମ ନ୍ୟାୟାଳୟର ବିଚାରପତି ସୌମ୍ୟାଶ୍ରୀ ମହାପାତ୍ର, ବାର୍ ସଭାପତି ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ଅତିରିକ୍ତ ସରକାରୀ ବରିଷ୍ଠ ଓକିଲ ଇନ୍ଦୁ ଭୂଷଣ ମିଶ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବନବିହାରୀ ମହାନ୍ତିଙ୍କ ସମେତ ଓକିଲ ସଂଘର ସଭ୍ୟ ଏବଂ ମହାବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ନୂଆ ଓଡ଼ିଶା ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ନୟାଗଡ଼,୧୦।୧୨(ସମିସ): ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ମିନି କନ୍‌ଫରେନସ୍ ହଲରେ ନୂଆ ଓଡ଼ିଶା ତାଲିମ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ନେଇଥିବା ୨୯ ଜଣ ତାଲିମାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଦୁର୍ଗାଚରଣ ଦାସ ଏବଂ ଇନୋଡଷ୍ଟ୍ ସଂସ୍ଥାର ଅଧିକାରୀମାନେ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ତାଲିମାର୍ଥୀଙ୍କୁ ଗୁଜରାଟର ଏକ କମ୍ପାନୀରେ ନିଯୁକ୍ତି ମିଳିଛି। ସେମାନେ ସେଠାରେ କାର୍ଯ୍ୟ କରିବା ସହ ଅଭିଜ୍ଞତା ହାସଲ କରିବେ ବୋଲି ଜଣାପଡ଼ିଛି।

## ଓଡ଼ଗାଁ ମନ୍ଦିର ରୋଡ୍‌ରୁ ବାଇକ୍ ଚୋରି

ଓଡ଼ଗାଁ,୧୦।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ମନ୍ଦିର ରୋଡ୍‌ରୁ ମଙ୍ଗଳବାର ମଧ୍ୟାହ୍ନରେ ବାଇକ୍ ଚୋରି ହୋଇଥିବା ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ସୁନାମୁହିଁ ଗ୍ରାମର ରମେଶ ବେହେରା ଆଜି ମଧ୍ୟାହ୍ନ ୧୨ଟା ବେଳେ ଓଡ଼ଗାଁ ମନ୍ଦିର ରୋଡ୍‌ରେ ଥିବା ବୈଦେହୀଶ ପାଠାଗାର ବାହାରେ ତାଙ୍କର ବାଇକ୍‌କୁ ରଖି ଭୋଜି ଖାଇବାକୁ ଭିତରକୁ ଯାଇଥିଲେ। ୪୫ ମିନିଟ୍ ପରେ ବାହାରକୁ ଆସି ଦେଖିଲା ବେଳକୁ ବାଇକ୍‌ଟି ସେଠାରେ ନଥିଲା। ଆଖପାଖ ଖୋଜାଖୋଜି କରିବା ପରେ ଗାଡ଼ି ନପାଇ ସେ ଓଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି।

## ବଜରଙ୍ଗବଳୀଙ୍କ ସିନ୍ଦୂର ଲାଗି ପର୍ବ



ଶରଣକୁଳ,୧୦।୧୨(ସମିସ): ଶରଣକୁଳ ମା' ଝାଡ଼େଶ୍ୱରୀ ମନ୍ଦିର ନିକଟସ୍ଥ ଶ୍ରୀ ଶ୍ରୀ ବଜରଙ୍ଗବଳୀଙ୍କ ପୀଠରେ ମଙ୍ଗଳବାର ସିନ୍ଦୂର ଲାଗି ଅଭିଷେକ ପର୍ବ ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଟା ସମୟରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା କଳସ ଯାତ୍ରା ପରେ ନଗର ପରିକ୍ରମା କରାଯାଇ ବଜରଙ୍ଗବଳୀଙ୍କ ପୀଠରେ ପହଞ୍ଚିବା ପରେ ବେଦଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଘୃତାହୁତି ପ୍ରଦାନ କରାଯାଇଥିଲା। ପରେ ସୁନ୍ଦରାକାଣ୍ଡ ପଠନ, ହନୁମାନ ଚାଳିଶା ପାଠ ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ଅପରାହ୍ନରେ ପ୍ରଭୁ ହନୁମାନଙ୍କର ସିନ୍ଦୂର ଲାଗି ଅଭିଷେକ ପର୍ବ ଏବଂ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପୂଜା ବିଧିବିଧାନ ପୂର୍ବକ ସମ୍ପନ୍ନ ହେବାପରେ ଉପସ୍ଥିତ ସମସ୍ତ ଭକ୍ତମାନେ ଅନ୍ନପ୍ରସାଦ ସେବନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶରଣକୁଳ ଗ୍ରାମବାସୀ ସହଯୋଗ କରିଥିଲେ।

■ ନୟାଗଡ଼ ପୌର ପରିଷଦରେ ଅଚଳାବସ୍ଥା

## ୧୧ଟା ପୂର୍ବରୁ ଆସୁନାହାନ୍ତି କର୍ମଚାରୀ

ନୟାଗଡ଼,୧୦।୧୨(ସମିସ): ନୟାଗଡ଼ ପୌର ପରିଷଦ କାର୍ଯ୍ୟାଳୟରେ ଚାଲିଛି ମନମାନୀ। ନିର୍ବାହୀ ଅଧିକାରୀଙ୍କଠାରୁ ଆରମ୍ଭ କରି କର୍ମଚାରୀଙ୍କ ପର୍ଯ୍ୟନ୍ତ କେହି ସରକାରଙ୍କ ନିୟମ ମାନୁନାହାନ୍ତି। କିଏ କେତେବେଳେ ଅଫିସ ଆସୁଛି, କିଏ କେତେବେଳେ ଅଫିସରୁ ଯାଉଛି ତାହାର ହିସାବ ନାହିଁ। ଖୋଦ୍ ନିର୍ବାହୀ ଅଧିକାରୀ ଦୈନିକ ନୟାଗଡ଼ରୁ ଭୁବନେଶ୍ୱର ଯାଆସ କରୁଥିବାରୁ କର୍ମଚାରୀ ମଧ୍ୟ ବେଫିକର ହୋଇପଡ଼ିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ନିର୍ବାହୀ ଅଧିକାରୀ ତାଙ୍କ ମନମାନୀ ଚଳାଇଥିବା ବେଳେ ନୟାଗଡ଼ ବିକାଶ ଫାଇଲ ତଳେ ବନ୍ଧା ହୋଇପଡ଼ିଛି। ନୟାଗଡ଼ ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ସହ ବିକାଶ ଓ ଉନ୍ନତୀମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ପୌର ପରିଷଦ କାର୍ଯ୍ୟ କରୁଥିବା ବେଳେ ଏଭଳି ସ୍ଥିତି ବ୍ୟାପକ ସମସ୍ୟା ସୃଷ୍ଟି କରିଛି। ପୌର ପରିଷଦର ନିର୍ବାଚିତ ପ୍ରତିନିଧି ଏବଂ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ପାଇଁ ଠିକାଦାର ବଳି ପଡୁଥିବା ଦେଖାଯାଇଛି। ନୟାଗଡ଼ ଜିଲ୍ଲା ସଦରମହକୁମାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏହାକୁ ଅଣଦେଖା କରିବା ସବୁଠାରୁ ବିସ୍ମୟକର ପ୍ରସଙ୍ଗ ହୋଇଛି। ଦୀର୍ଘମାସ ଧରି ଏଭଳି ପରିସ୍ଥିତି ଲାଗି ରହିଥିବା ବେଳେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଭାପୁର,୧୦।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପ୍ରଶାସନ ତରଫରୁ ମଙ୍ଗଳବାର ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ୪୪୨ ଜଣ ହିତାଧିକାରୀ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ବିଡିଓ ଶାରଦା ପ୍ରସନ୍ନ ପଣ୍ଡା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରାଙ୍କ ପରିଚାଳନାରେ ଆୟୋଜିତ ଏହି ଶିବିରରେ ମାନସିକ ବିଭାଗରେ ୧୦୧ ଜଣ, ଅସ୍ଥିଶଲ୍ୟ ବିଭାଗରେ ୨୨୬ ଜଣ, ଚକ୍ଷୁ ବିଭାଗରେ ୩୦ ଜଣ ଓ ଶ୍ରବଣ ବାଧିତ ବିଭାଗରେ ୮୫ ଜଣ ହିତାଧିକାରୀ ସେମାନଙ୍କ ପରୀକ୍ଷା କରାଇଥିଲେ। ନୟାଗଡ଼ରୁ ସର୍ଜରୀ ବିଶେଷଜ୍ଞ ଲୋଚନ କୁମାର କାଟା, ମେଡିସିନ ବିଭାଗର ବିଶେଷଜ୍ଞ ଡାକ୍ତର ଶତ୍ରୁଘନ ନାୟକ, ନାଶା, ଗଳା ଓ କର୍ଣ୍ଣ ବିଭାଗ ବିଶେଷଜ୍ଞ ଡାକ୍ତର ପି ନାୟକ, ଶ୍ରବଣ ବିଭାଗର ଅଡିଓଲୋଜିଷ୍ଟ ନିଷ୍ଠା ରଞ୍ଜନ ଦାଶ ଯୋଗଦେଇ ପରୀକ୍ଷା କରିଥିଲେ।

## ଫତେଗଡ଼-ଖଣ୍ଡପଡ଼ା ରାସ୍ତାରେ ଗଛକଟା ଆରମ୍ଭ

ଭାପୁର,୧୦।୧୨(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼-ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁ ରହିଛି। ଗଛ କଟା ବିଳମ୍ବିତ ହେବା ଯୋଗୁଁ ପ୍ରଶସ୍ତୀକରଣ କାର୍ଯ୍ୟ ବାଧାପ୍ରାପ୍ତ ଓ ବିଳମ୍ବିତ ହୋଇଛି। ଏପରିକି ଏହି ଟେଣ୍ଡର ବାତିଲ ହେବା ଅବସ୍ଥାକୁ ଆସିଥିଲା। ପ୍ରଥମ ନକ୍ସା ଅନୁଯାୟୀ, ଦୁଇ ହଜାରରୁ ଅଧିକ ଗଛ କଟା ହେବାପାଇଁ ଚିହ୍ନଟ ହୋଇଥିଲା। ଏହାକୁ ବନ ବିଭାଗ ଅନୁମତି ଦେଇ ନ ଥିଲା। ଶେଷରେ ପୁନର୍ବାର ପ୍ରଶସ୍ତୀକରଣକୁ କାଟଛାଣ୍ଟ କରି ମାତ୍ର ୯୦୦ ଗଛ କଟା ହେବା ପାଇଁ ନିଷ୍ପତ୍ତି ହୋଇଥିଲା। ଗଛ ନ ଥିବା ସ୍ଥାନରେ ରାସ୍ତା ପ୍ରଶସ୍ତୀକରଣ କିଛି ଦିନ ହେଲା ଚାଲୁରହିଛି। ଫତେଗଡ଼ଠାରୁ ଖଣ୍ଡପଡ଼ା ପର୍ଯ୍ୟନ୍ତ ୧୮ କିଲୋମିଟର ରାସ୍ତା ପ୍ରଶସ୍ତୀକରଣ ପାଇଁ ୨୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ରାସ୍ତା ପୂର୍ବରୁ ୫-୫ ମିଟର ପିଚୁ ରାସ୍ତା ଥିଲା। ବର୍ତ୍ତମାନ ଏହା ପ୍ରଶସ୍ତ ହୋଇ ୭ ମିଟର ପିଚୁ ରାସ୍ତା ହେବ। ପିଚୁ ପରେ ଦେଢ଼ ମିଟର ମାଟି ମୋରମ ହେବ। ବର୍ତ୍ତମାନ ଫରେଷ୍ଟ କର୍ପୋରେସନ ବିଭାଗ ମଙ୍ଗଳବାରଠାରୁ ଭାପୁର ପଟୁ ଗଛ କଟା ଆରମ୍ଭ କରିଛି।

ରାଜସ୍ୱ ନିରୀକ୍ଷକଙ୍କୁ ଦୁର୍ବ୍ୟବହାର

## ବିଜେପି ମଣ୍ଡଳ ସଭାପତିଙ୍କ ନାମରେ ମାମଲା

ନୟାଗଡ଼/ଓଡ଼ଗାଁ,୧୦।୧୨(ସମିସ): ନୟାଗଡ଼ ଜିଲ୍ଲା ନିର୍ବାଚନମଣ୍ଡଳୀରେ ବିଜେପି ନେତା ଓ କର୍ମୀଙ୍କ ଆତଙ୍କ ଏବେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଭୟର ବାତାବରଣ ସୃଷ୍ଟି କରୁଛି। କେଉଁ କର୍ମୀ ଆର୍‌ଟିଆଇ ନାଁରେ ଝୁଲାମୁଣି ଧରି ଚାନ୍ଦା ଆଦାୟ କରୁଛି ତ ପୁଣି କେଉଁ କର୍ମୀ ସଂଗଠନ ନାଁରେ ଚାନ୍ଦା ମାଗୁଛି। ବିଭିନ୍ନ ନେତାଙ୍କ ସମର୍ଥକ କହି ଅନେକ ବ୍ୟକ୍ତି ସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ବିଭାଗକୁ ଲେଉଟିଆ କିଆରିରେ ପରିଣତ କରି ସାରିଲେଣି। ଆମ ସରକାର ଆମେ ଯାହା କହିବୁ କରିବ କହି କିଛି ବିଜେପି କୁଜିନେତା ଓ କର୍ମୀମାନେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି କଲେଣି। ଯାହାର ଜ୍ୱଳନ୍ତ ଉଦାହରଣ କୁରାଳ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। କୁରାଳ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ପନ୍ତିଖାରୀ ରାଜସ୍ୱ ନିରୀକ୍ଷକ ପଦ୍ମିନୀ ଦାଶଙ୍କୁ ବିଜେପି କୁରାଳ ମଣ୍ଡଳ ସଭାପତି ମାଧବ ସାହୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କ ଜାତିକୁ ଆକ୍ଷେପ କରି ନାନାଦି ମନ୍ତବ୍ୟ ଦେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲା ପନ୍ତିଖାରୀ ଗାଁର ରାମଚନ୍ଦ୍ର ସାହୁଙ୍କ ପୁଅ ମାଧବ ସାହୁ ଏଭଳି କରିଥିବା ଆର୍‌ଆଇ ଦାଶ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଓଡ଼ଗାଁ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଜନତା ପାର୍ଟି ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନଥିବା ବେଳେ ଜିଲ୍ଲା ସଭାପତି ମଧ୍ୟ କୌଣସି ଆନ୍ତରିକତା ଦେଖାଉନାହାନ୍ତି। ଫଳରେ ନୟାଗଡ଼ ନିର୍ବାଚନମଣ୍ଡଳୀରେ ବିଜେପି ନେତା ଏବଂ କର୍ମୀଙ୍କ ଆସ୍ଫାଳନ ଏବଂ ପ୍ରାଦୁର୍ଭାବରେ ସରକାରୀ ଅଧିକାରୀ ଓ କର୍ମଚାରୀ ରାମ ରାମ ଡାକ ଛାଡ଼ିଲେଣି।

ସରକାରୀ କର୍ମଚାରୀଙ୍କୁ ଦିଆଯାଉଛି ଧମକ

ଉଠାଜଳସେଚନ ପ୍ରକଳ୍ପ ପାଇପ୍ ଫାଟିବା ଘଟଣା

## ପାଇପ୍ ଗୋଦାମ ଫାଟକରେ ତାଲା ପକାଇଲେ ଚାଷୀ

ଓଡ଼ଗାଁ,୧୦।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଦଣ୍ଡୋର ଖଳିପଡ଼ିଆ ଗୋଚର ଜମିକୁ ଆବଦ୍ଧ କରି ମେଗାୱାଟର ସପ୍ଲାଇ ପ୍ରୋଜେକ୍ଟର ପାଇପ୍ ଗୋଦାମ କରାଯାଇଥିବା ବେଳେ ଉକ୍ତ ପାଇପ୍ ତଳଦେଇ ଯାଇଥିବା ଉଠାଜଳସେଚନ ପ୍ରକଳ୍ପର ପାଇପ୍ ଲାଇନ୍ ଫାଟି ଯାଇଛି। ପମ୍ପ୍ ଚଳାଇଲେ ପାଣି ଚାଷୀଙ୍କ ଜମିକୁ ନଯାଇ ଫାଟଦେଇ ବାହାରେ ବହିଯାଉଥିବାରୁ ଚାଷୀମାନେ ରବିଫସଲ କରିବା ସମ୍ଭବ ହେଉନାହିଁ। ସ୍ଥାନୀୟ ସରପଞ୍ଚଙ୍କୁ ସାଥୀରେ ନେଇ ଚାଷୀମାନେ ବାରମ୍ବାର ଘଟଣା ସମ୍ପର୍କରେ ସମ୍ପୃକ୍ତ ଠିକାଦାରଙ୍କୁ କହିବା



ସତ୍ତ୍ୱେ ଏଥିପ୍ରତି ସେ କର୍ଣ୍ଣପାତ କରିନଥିଲେ। ଫଳରେ ଉତ୍ୟକ୍ତ ଚାଷୀ ପାଇପ୍ ଜମା ହୋଇଥିବା ଫାଟକରେ ସୋମବାର ସନ୍ଧ୍ୟାରେ ତାଲା ଝୁଲାଇ ଠିକାଦାରଙ୍କୁ ଜଗିବସିଥିଲେ। ତେବେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଏଠାରେ କାହାରି ଦେଖା ମିଳିନାହିଁ ବୋଲି ଚାଷୀମାନେ କହିଛନ୍ତି। ପ୍ରକାଶ ଥାଉକି ସ୍ଥାନୀୟ ଅଞ୍ଚଳରେ ଚଳିତବର୍ଷ ସ୍ୱଳ୍ପ ବର୍ଷା କାରଣରୁ ସ୍ଥାନୀୟ ଅଞ୍ଚଳର ଚାଷ ଜମିଗୁଡ଼ିକରେ ମରୁଡ଼ି ହୋଇଥିବା ବେଳେ ଏବେ ଚାଷୀମାନେ ରବିଫସଲ କରି କ୍ଷୟକ୍ଷତିର ଭରଣା କରିବାକୁ ଉଦ୍ୟମ କରୁଛନ୍ତି। ତେବେ ଉଠାଜଳସେଚନ ପ୍ରକଳ୍ପ ପାଇପ୍ ଲାଇନ୍ ଫାଟିବା ଯୋଗୁଁ ରବିଫସଲ କରିବା ପାଇଁ ପ୍ରତିବନ୍ଧକ ସାଜିଛି। ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ୭ଟି ଗାଁ ଅନ୍ତର୍ଭୁକ୍ତ

# ଉନ୍ନତି ଓ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ଅନୁମୋଦିତ

ନୟାଗଡ଼,୧୦।୧୨(ସମିସ): ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାକକ୍ଷରେ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନାରେ ନୟାଗଡ଼ ଜିଲ୍ଲାର ନୂଆଗାଁ ବ୍ଲକ ଅନ୍ତର୍ଗତ କୋରଡ଼ା ପଞ୍ଚାୟତର ମହିତମା ଗ୍ରାମ ଏବଂ ସିଙ୍ଗାରପଲ୍ଲୀ ପଞ୍ଚାୟତର ସିଙ୍ଗାରପଲ୍ଲୀ ଗ୍ରାମ, ନୟାଗଡ଼ ବ୍ଲକର ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଯଦୁପୁର ଗ୍ରାମ ଏବଂ ମୁଥାଗାଡ଼ିଆ ପଞ୍ଚାୟତର ମୁଥାଗାଡ଼ିଆ ଗ୍ରାମ, ଭାପୁର ବ୍ଲକର ଫତେଗଡ଼ ପଞ୍ଚାୟତ ଅନ୍ତର୍ଗତ ମଣିପୁର ଗ୍ରାମ ଏବଂ ପଦ୍ମାବତୀ ପଞ୍ଚାୟତର ହାତୁଆରି ଗ୍ରାମ, ଖଣ୍ଡପଡ଼ା ବ୍ଲକର ବନମାଳିପୁର ପଞ୍ଚାୟତର ବାହାଡ଼ା ଗ୍ରାମ ଆଦି ୭ଟି ଗ୍ରାମର ଅନୁସୂଚିତ ଜାତିର ଲୋକମାନଙ୍କ ସଂଖ୍ୟା ୫୦%ରୁ ଅଧିକ। କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିରୀକୃତ ୩୬ଟି ମାନଦଣ୍ଡରେ ଯୋଗ୍ୟ ବିବେଚିତ ହୋଇଥିବାରୁ ଏହି ୭ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଗ୍ରାମଗୁଡ଼ିକର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା ଯୋଜନାଗୁଡ଼ିକ ଜିଲ୍ଲାସ୍ତରୀୟ ପ୍ରକଳ୍ପ ଅନୁମୋଦନ କମିଟି ଦ୍ୱାରା ଅନୁମୋଦନ କରାଯାଇଥିଲା। ଏତଦ୍ ବ୍ୟତୀତ ନୟାଗଡ଼ ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା କରାଯାଉଥିବା



ବିଭିନ୍ନ କାର୍ଯ୍ୟଗୁଡ଼ିକର ବିନିଯୋଗ ପ୍ରମାଣପତ୍ର ଦେବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ଜିଲ୍ଲା ମଙ୍ଗଳ ଅଧିକାରୀ ଅନୁରୋଧ କରିଥିଲେ। ସମସ୍ତ କାର୍ଯ୍ୟର ଷ୍ଟାଟସ୍ ରିପୋଟ୍‌ର୍ ସହ ନୂତନ କାର୍ଯ୍ୟ ପାଇଁ ଯୋଜନା ଓ ଅଟକଳ ଦେବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ, ସଂପୃକ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସଂପୃକ୍ତ ପଞ୍ଚାୟତଗୁଡ଼ିକର ସରପଞ୍ଚମାନେ ଉପସ୍ଥିତ ଥିଲେ। ଏହାପରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା।

# ଚିଲିକା ପ୍ରେସ୍ କ୍ଲବ୍‌ର ସାଧାରଣ ଅଧିବେଶନ



**ବାଲୁଗାଁ,୧୦।୧୨(ସମିସ):** ଚିଲିକା ପ୍ରେସ୍ କ୍ଲବ୍‌ର ସାଧାରଣ ଅଧିବେଶନ ବାଣପୁର ଗାଲୁଆସ୍ଥିତ ଗୁପ୍ତେଶ୍ୱର ଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ପ୍ରକାଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କ୍ଲବର ବାର୍ଷିକ ଉତ୍ସବ, କ୍ଲବର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ସମସ୍ତ ସଦସ୍ୟ ସାମୂହିକ ଭାବେ ଅଞ୍ଚଳର ଉନ୍ନତି, ଜନସାଧାରଣଙ୍କ ସମସ୍ୟାକୁ ନିର୍ଭିକ ଓ ନିରପେକ୍ଷ ଭାବେ ସମ୍ବାଦ ପରିବେଷଣ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ଲଢ଼ିବା ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଏଥିରେ ସଂଘର ଉପଦେଷ୍ଟା ଦେବରାଜ ସାହୁ, ନୃସିଂହ ପ୍ରସାଦ ମିଶ୍ର, ଆର୍ତ୍ତତ୍ରାଣ ଜାଲି, ସଂପାଦକ ଅନନ୍ତ ଚରଣ ବାରିକ, ଉପସଭାପତି ସଂଗ୍ରାମ କେଶରୀ ପାଇକରାୟ, ଅଶୋକ କୁମାର ଜେନା, କୋଷାଧ୍ୟକ୍ଷ ସୁଶିଲ ପ୍ରଧାନ, ସାଂଗଠନିକ ସଂପାଦକ ଅଶୋକ କୁମାର ନାୟକଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ୩ ଗଣମାଧ୍ୟମ ପ୍ରତିନିଧିଙ୍କୁ ସଂଘର ନୂତନ ସଦସ୍ୟ ଭାବେ ଗ୍ରହଣ କରାଯାଇଛି।

# ସରସ୍ୱତୀ ଶିଶୁମନ୍ଦିର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ବେଗୁନିଆ,୧୦।୧୨(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ତିନି ଦିନ ଧରି ଚାଲିଥିବା ସପ୍ତଦଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ଗ୍ରାମର ଆରାଧ୍ୟ ଦେବତା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ପୂଜକ କାଶୀନାଥ ମହାପାତ୍ର ପୂଜାର୍ଚ୍ଚନା କରିବା ପରେ ମଶାଲ ଶୋଭାଯାତ୍ରା ବାହାରି ଗ୍ରାମ୍ୟ ପରିକ୍ରମା କରି ଶିଶୁ ମନ୍ଦିର ପରିସରରେ ପହଞ୍ଚି ଥିଲା। ପରେ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱ ଓ ଖେଳ ଶିକ୍ଷକ କସ୍ତୁରୀ କାମୋଦିନୀ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶ ପତାକା ଉତ୍ତୋଳନ କରି ଖେଳର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଙ୍କୁଳ ପ୍ରମୁଖ ନଳିନୀକାନ୍ତ ପଣ୍ଡା, ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର, ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରସନ କୁମାର ମହାପାତ୍ର, ବିଦ୍ୱତ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ ଓ ସମ୍ପାଦକ ଶ୍ରୀକାନ୍ତ କୁମାର ବାହିନୀପତି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରାଙ୍କ ସମେତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ।

# ପ୍ରଜାପିତା ବ୍ରହ୍ମାକୁମାରୀର ବାର୍ଷିକ ଉତ୍ସବ



**ବାଲୁଗାଁ,୧୦।୧୨(ସମିସ):** ପ୍ରଜାପିତା ବ୍ରହ୍ମାକୁମାରୀ ବାଲୁଗାଁ ଶାଖାର ୩୧ତମ ବାର୍ଷିକୋତ୍ସବ ସ୍ଥାନୀୟ ଶିବଜ୍ୟୋତି ଧାମରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧ୍ୟକ୍ଷା ଜୋସ୍ନାରାଣୀ ବେହେରା, ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ ଓ ରାଜଯୋଗିନୀ ଦିଦି କମଲେସ, ଦିଦି ସୁଲୋଚନା, ଦିଦି ସୁଜାତା, ଦିଦି ଲତା ଓ ବିକେ ଭଗବାନ ପ୍ରମୁଖ ଯୋଗଦେଇ ବ୍ରହ୍ମାକୁମାରୀ ଅନୁଷ୍ଠାନ ଆଧ୍ୟାତ୍ମିକ ଚିନ୍ତାଧାରା ମାଧ୍ୟମରେ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ କିପରି ସହାୟକ ହୋଇପାରିଛି ସେନେଇ ମତ ରଖିଥିଲେ। ଦିଦି ସରିତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିକେ ସୁରେନ୍ଦ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# କ୍ୟାବିନ୍ ଉଚ୍ଛେଦକୁ ନେଇ ପ୍ରଶାସନ-ବ୍ୟବସାୟୀ ମୁହାଁମୁହିଁ





**ଖୋର୍ଦ୍ଧା,୧୦।୧୨(ସମିସ)**

ଖୋର୍ଦ୍ଧାରେ କ୍ୟାବିନ୍ ଉଚ୍ଛେଦକୁ ନେଇ ମଙ୍ଗଳବାର ପ୍ରଶାସନ ଏବଂ ବ୍ୟବସାୟୀ ସଙ୍ଘ ମୁହାଁମୁହିଁ ହୋଇଛନ୍ତି। ସମସ୍ତ ଦୋକାନ ଉଚ୍ଛେଦ କରିବାକୁ ପ୍ରଶାସନ ପୁଲିସ ଫୋର୍ସ ସହ ୧୬୩ ଧାରା ଜାରି କରି ଉଦ୍ୟମ କଲାବେଳେ ବ୍ୟବସାୟୀମାନେ ଦୋକାନ ବଜାର ବନ୍ଦ କରି ପିଲାଛୁଆଙ୍କୁ ଧରି ରାସ୍ତାରେ ଧାରଣା ଦେଇଥିଲେ। ଦୀର୍ଘ ସମୟ ଧାରଣା ପରେ ଶେଷରେ ପ୍ରଶାସନ ବ୍ୟବସାୟୀଙ୍କ ଅନୁରୋଧ ରକ୍ଷା କରି ୫ ଦିନ ସମୟ ଦେଇଛି। ଅନ୍ୟପକ୍ଷରେ ପ୍ରଶାସନର ଏଭଳି ଚରମ ନିଷ୍ପତ୍ତି ବିରୋଧରେ ବ୍ୟବସାୟୀ ମହାସଂଘ ପକ୍ଷରୁ ୨୪ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଫଳରେ ସମସ୍ତ ଦୋକାନ ବଜାର ବନ୍ଦ ରଖାଯାଇଥିଲା।

ସୂଚନା ମୁତାବକ, ସହରର ପୁରୁଣା ଆହ୍ଲାବାଦ ବ୍ୟାଙ୍କ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ୧୬୩ ଧାରା ଲାଗୁ କରାଯାଇ ଆଜି ସକାଳୁ ସମସ୍ତ କ୍ୟାବିନ୍ ଉଚ୍ଛେଦ ଲାଗି ପ୍ରଶାସନ ତରଫରୁ ପୁଲିସ ଉପସ୍ଥିତିରେ ଉଦ୍ୟମ କରାଯାଇଥିଲା। ପ୍ରତିବାଦରେ ସମସ୍ତ ବ୍ୟବସାୟୀ ଦୋକାନ ବଜାର ବନ୍ଦ କରି ଟ୍ରାଫିକ ଛକରେ ଧାରଣା ଦେଇଥିଲେ। ଶହ ଶହ ସଂଖ୍ୟାରେ ପୁରୁଷ, ମହିଳା ସେମାନଙ୍କ ପିଲାଛୁଆ ଧରି ପ୍ରଶାସନର ଏଭଳି ଚରମ ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରିଥିଲେ। ଆଗ ଥଇଥାନ ପରେ ଉଚ୍ଛେଦ,

## ଆଲୋଚନା ପରେ ମିଳିଲା ୫ ଦିନର ମହଲତ

ପ୍ରଶାସନର ଜୁଲମ୍ ଚଳିବ ନାହିଁ ବୋଲି ନାରା ଦେଇଥିଲେ। ସେମାନଙ୍କୁ ସମର୍ଥନ କରିଥିଲେ ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ଏବଂ ସମସ୍ତ କାଉନ୍ସିଲର। କାଉନ୍ସିଲର ବିନା ନିଷ୍ପତ୍ତିରେ ନିର୍ବାହୀ ଅଧିକାରୀଙ୍କ ଏଭଳି ମନମୁଖୀ ଆଦେଶନାମାକୁ ପୌରାଧ୍ୟକ୍ଷା ଶ୍ରୀମତୀ ମହାନ୍ତି ତୀବ୍ର ସମାଲୋଚନା କରିଥିଲେ।

ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ, ପୁଲିସ ଅଧିକାରୀ ବ୍ୟବସାୟୀମାନଙ୍କୁ ସହଯୋଗ ପାଇଁ ବୁଝାଇବା ସତ୍ତ୍ୱେ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଖବର ପାଇ ଖୋର୍ଦ୍ଧା ଏବଂ ବେଗୁନିଆର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଆନ୍ଦୋଳନସ୍ଥଳକୁ ଆସି ବ୍ୟବସାୟୀମାନଙ୍କୁ ସମର୍ଥନ କରିଥିଲେ। ପ୍ରଶାସନ କୌଣସି ଏକ ପାଖିଆ ନିଷ୍ପତ୍ତି ନନେବା ପାଇଁ ସେ କହିଥିଲେ। ଶ୍ରୀ ସାହୁ ଆହୁରି କହିଲେ ଯେ ନିରୀହ ବ୍ୟବସାୟୀଙ୍କ ଜୀବନ ଜୀବିକା ଉପରେ ପ୍ରଶାସନ ବିଚାର କରିବା ଉଚିତ୍। ସେମାନଙ୍କୁ ପୁଲିସର ଭୟ ଦେଖାଇ ଡରାଇ, ଧମକାଇ ଉଚ୍ଛେଦ କରିବା ଠିକ୍ ହେବ ନାହିଁ। ବ୍ୟବସାୟୀମାନଙ୍କୁ ଥଇଥାନ ନ କରି ଉଚ୍ଛେଦ କରିବା ଘଟଣାକୁ ସେ ତୀବ୍ର ସମାଲୋଚନା କରିଥିଲେ। ଉପଜିଲ୍ଲାପାଳ, ତହସିଲଦାର ଏବଂ ପୂର୍ବତନ ବିଧାୟକ ଶ୍ରୀ ସାହୁଙ୍କ ମଧ୍ୟରେ ବ୍ୟବସାୟୀଙ୍କ ସଂପର୍କରେ ବିଭିନ୍ନ ଆଲୋଚନା ହୋଇଥିଲା। ବ୍ୟବସାୟୀଙ୍କ ଧାରଣାସ୍ଥଳରେ ପୂର୍ବତନ ଜଟଣୀ ବିଧାୟକ ସୁରେଶ ରାଉତରାୟ, କଂଗ୍ରେସ ନେତ୍ରୀ ସୋନାଲି ସାହୁ, ସ୍ୱାଗତିକା ପଟ୍ଟନାୟକ ମଧ୍ୟ ପହଞ୍ଚି ସେମାନଙ୍କ ଦାବିକୁ ସମର୍ଥନ ଜଣାଇ ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରିଥିଲେ। ପରେ ପୁନର୍ବାର ଉପଜିଲ୍ଲାପାଳଙ୍କ ଚାମ୍ବରରେ ଉପଜିଲ୍ଲାପାଳ, ତହସିଲଦାର, ପୌର ନିର୍ବାହୀ ଅଧିକାରୀଙ୍କ ସହ ପୂର୍ବତନ ବିଧାୟକ ଶ୍ରୀ ସାହୁ, ପୂର୍ବତନ ଜଟଣୀ ବିଧାୟକ ଶ୍ରୀ ରାଉତରାୟ, ବ୍ୟବସାୟୀ ମହାସଂଘ ସଭାପତି ସାରଦା ପ୍ରସନ୍ନ ପଟ୍ଟନାୟକ, ଆଇନଜୀବୀ ରିତେଶ କୁମାର ସାହୁ ପ୍ରମୁଖ ଆଲୋଚନା କରିଥିଲେ। ପରେ ପ୍ରଶାସନ ଆନ୍ଦୋଳନକାରୀଙ୍କୁ ୫ ଦିନ ସମୟ ଦେଇ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରଖିଥିଲା।

୧୬୬ ଜଣ କ୍ୟାବିନ ବ୍ୟବସାୟୀଙ୍କୁ ଭେଣ୍ଡିଜୋନ୍‌ରେ ଥଇଥାନ କରାଯିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ତେବେ ବ୍ୟବସାୟୀ ମହାସଂଘ କିନ୍ତୁ ନିଜର ଜୀବନ ଜୀବିକାକୁ ନେଇ ଆଶଙ୍କାରେ ରହିଥିବାରୁ ପ୍ରଶାସନର ନିଷ୍ପତ୍ତି ବିରୋଧରେ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। ସହରର ସମସ୍ତ ଛୋଟ ବଡ଼ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

## ବ୍ୟବସାୟୀ ମହାସଂଘର ମିଳିତ ବୈଠକ

**ଖୋର୍ଦ୍ଧା:** ମଙ୍ଗଳବାର ସନ୍ଧ୍ୟାରେ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସମସ୍ତ ୨୭ଟି ବ୍ୟବସାୟ ସଂଘର ସମସ୍ୟା ସଦସ୍ୟ ଯୋଗ ଦେଇଥିଲେ। ମହସଂଘର ସଭାପତି ସାରଦା ଚରଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, କଂଗ୍ରେସ ନେତ୍ରୀ ସୋନାଲି ସାହୁ, ସ୍ୱାଗତିକା ପଟ୍ଟନାୟକ ଏବଂ ସମସ୍ତ କାଉନସିଲର ଯୋଗ ଦେଇଥିଲେ। ଜୀବନ ଜୀବିକାକୁ ନେଇ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଥଇଥାନ ପାଇଁ ଆଲୋଚନା ହୋଇଥିଲା। ଉଚ୍ଛେଦ ନିଷ୍ପତ୍ତିକୁ ସମସ୍ତେ ବିରୋଧ କରି ୫ ଦିନ ମଧ୍ୟରେ ପ୍ରଶାସନ ସହ ଆଲୋଚନା କରିବାକୁ ଓ ଥଇଥାନ ନ ହେବା ପର୍ଯ୍ୟନ୍ତ ଉଚ୍ଛେଦ ନିଷ୍ପତ୍ତି ନ ନେବାକୁ ସମସ୍ତେ ଏକ ସ୍ୱରରେ ମତ ରଖିଥିଲେ। ୨୭ଟି ସଂଘର କର୍ମକର୍ତ୍ତା, ବ୍ୟବସାୟୀ ମହାସଂଘର କର୍ମକର୍ତ୍ତା, ସମସ୍ତ କାଉନସିଲର ଏବଂ ରାଜନେତାଙ୍କୁ ନେଇ ଏକ କୋର୍ କମିଟି ଗଠନ କରାଯାଇଥିଲା। ଆଗାମୀ ଦିନରେ ଏହି କମିଟି ପ୍ରଶାସନ ସହ ଆଲୋଚନା କରିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

### ମହାବିଦ୍ୟାଳୟରେ ଜାତୀୟ ସମ୍ମିଳନୀ

# ବିକଶିତ ଭାରତ ପାଇଁ ଯୁବବର୍ଗଙ୍କ ପ୍ରତିବଦ୍ଧତା ଅପରିହାର୍ଯ୍ୟ




**ବାଲୁଗାଁ,୧୦।୧୨(ସମିସ):** ବାଲୁଗାଁ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ "ବିକଶିତ ଭାରତ-୨୦୪୭, ସ୍ୱପ୍ନ ନା ବାସ୍ତବତା' ଶୀର୍ଷକ ଜାତୀୟ ସମ୍ମିଳନୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଆଲୋଚକ ତଥା ଦିଲ୍ଲୀସ୍ଥିତ ମୋତିଲାଲ ନେହେରୁ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ମୁଖ୍ୟ ପ୍ରଫେସର ରାଧାନାଥ ତ୍ରିପାଠୀ, ମୁଖ୍ୟ ଅତିଥି ଭାବେ ବାରଙ୍ଗସ୍ଥିତ କୁଞ୍ଜବିହାରୀ କଲେଜର ରାଜନୀତି ବିଜ୍ଞାନ ମୁଖ୍ୟ ଡ.ସନ୍ତୋଷ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ବଣିକ୍ କୋଚିଂ ସେଣ୍ଟରର ମୁଖ୍ୟ ପରାମର୍ଶଦାତା ଡ. ପ୍ରମୋଦ କୁମାର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଡ.ସାରଦାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ବିକଶିତ ଚିଲିକା, ବିକଶିତ ଓଡ଼ିଶା ଓ ବିକଶିତ ଭାରତର ବିବିଧ ସୋପାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିକଶିତ ଭାରତ ଗଠନରେ ଯୁବବର୍ଗଙ୍କ ଭୂମିକା ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ସୁନୀତା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ଡ.ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିଲେ।

ବିଭାଗୀୟ ମୁଖ୍ୟ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଜାତୀୟ ସମ୍ମିଳନୀର ପ୍ରସଙ୍ଗ ଉପସ୍ଥାପନ କରିଥିବା ବେଳେ ଡ.କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେମିନାର ସମ୍ପାଦିକା ସୁଶ୍ରୀ ଦୀପ୍ତି ସାହୁ ଧନ୍ୟବାଦ ଦେଇଥିଲେ। ଗୋଦାବରୀଶ ମହାବିଦ୍ୟାଳୟର ପ୍ରାଧ୍ୟାପକ ଲକ୍ଷ୍ମୀ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଓଡ଼ିଶାରବିଭିନ୍ନମହାବିଦ୍ୟାଳୟରଅଧ୍ୟାପକମାନେଯୋଗ ଦେଇଥିଲେ। ଶ୍ୟାମଳୀ ନାୟକ ଧନ୍ୟବାଦ ଦେଇଥିଲେ।

# ଆଜିଠୁ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ଟାଙ୍ଗୀ,୧୦।୧୨(ସମିସ):** ଟାଙ୍ଗୀ ଚିଲିକା ଷ୍ଟାଡିୟମଠାରେ ଏକ ସପ୍ତାହ ବ୍ୟାପୀ ମହିଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆସନ୍ତାକାଲି ଉଦ୍‌ଘାଟିତ ହେବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ମହିଳା ଫୁଟବଲ୍ ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଦେବୀ ଦୁର୍ଗା କଲଚରାଲ ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ସର୍ବଭାରତୀୟ ମହିଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ରାଜ୍ୟର ୪ଟି ମହିଳା ଫୁଟବଲ୍ ଦଳ ସମେତ ଓଡ଼ିଶାର ୪ଟି ଟିମ୍ ଅଂଶଗ୍ରହଣ କରିବେ। ଏନେଇ ସଭାପତି ତପନ କୁମାର ମହାନ୍ତି, ସମ୍ପାଦକ ନିରଞ୍ଜନ ନାୟକ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ଆସନ୍ତାକାଲି ଉଦ୍‌ଘାଟନୀ ମ୍ୟାଚ୍ ଅଭିନବ ବିଡାନାସୀ କଟକ ଓ ଓମେନ୍‌ସ ଏଫସି କେନ୍ଦ୍ରାପଡ଼ା ଜିଲ୍ଲା ମହିଳା ଫୁଟବଲ୍ ଦଳ ମଧ୍ୟରେ ଅନୁଷ୍ଠିତ ହେବ। ଏନେଇ ଆୟୋଜକ ଟ୍ରଷ୍ଟି ପ୍ରଦୀପ କୁମାର ମହାପାତ୍ର ଜଣାଇଛନ୍ତି।

### ■ ଭୂଷଣ୍ଡପୁର ଡାକ୍ତରଖାନାରେ ଅବ୍ୟବସ୍ଥା

# ସମାଧାନ ନ ହେଲେ ୧୫ରୁ ଧାରଣା ଚେତାବନୀ

**ଟାଙ୍ଗୀ,୧୦।୧୨(ସମିସ):** ଟାଙ୍ଗୀ ବ୍ଲକ ଅଧୀନସ୍ଥ ଭୂଷଣ୍ଡପୁର ଡାକ୍ତରଖାନାରେ ବିଭିନ୍ନ ଅବ୍ୟବସ୍ଥା ନେଇ ୧୦ ଦଫା ସମ୍ବଳିତ ଦାବିପତ୍ର ସମାଜସେବୀ ସତ୍ୟନାରାୟଣ ପଲେଇ ପ୍ରଦାନ କରିଥିବା ଜଣାପଡ଼ିଛି। ଭୂଷଣ୍ଡପୁର ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ଓଏସଏମସିର ନିୟମ ଅନୁଯାୟୀ ଔଷଧ ପ୍ରଦାନ, ୨୪ ଘଣ୍ଟିଆ ଡ୍ରେସିଂ ସୁବିଧା, ଏକ ଆମ୍ବୁଲାନ୍ସର ବ୍ୟବସ୍ଥା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭୂଷଣ୍ଡପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ସମୀକ୍ଷା କରିବା ସହିତ ଜନସାଧାରଣଙ୍କ ନିମନ୍ତେ ନୂତନ ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିର ବିକାଶ, କର୍ମଚାରୀ କ୍ୱାର୍ଟରର ନିର୍ମାଣ ଓ ମରାମତି, ଦୁର୍ଘଟଣାଗ୍ରସ୍ତ ଆହତଙ୍କ ନିମନ୍ତେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖୋଲିବା ଭଳି ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନା ଥାଉ କି ଟାଙ୍ଗୀ ବ୍ଲକ ଅଧୀନସ୍ଥ ଚିଲିକା ଉପକୂଳରେ ଅବସ୍ଥିତ ଭୂଷଣ୍ଡପୁର, କନ୍ତଲବାଇ, ବାଲିପାଟପୁର, ସୁନ୍ଦରପୁର, ନୂଆଗଡ଼ ସମେତ ଆଖପାଖ ପଞ୍ଚାୟତଗୁଡ଼ିକର ଏକ ମାତ୍ର ଏହି ଆଶା ଓ ଭରସା ଚିକିତ୍ସାଳୟ ଅଟେ। ଏହି ଡାକ୍ତରଖାନାରୁ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ରୋଗୀ ଚିକିତ୍ସା ପାଇବା ନିମନ୍ତେ ଅପେକ୍ଷା କରିଥାନ୍ତି। କିନ୍ତୁ ସେବା ନ ପାଇ ୧୫ କିଲୋମିଟର ଦୂରରେ ଥିବା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୩୫ କିଲୋମିଟର ଦୂରରେ ଥିବା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ସଂପର୍କରେ ଏକ ଦାବିପତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଆରକ୍ଷୀ ଅଧୀକ୍ଷକ ଖୋର୍ଦ୍ଧା, ଟାଙ୍ଗୀ ତହସିଲଦାରଙ୍କ ସମେତ ବିଭିନ୍ନ ଅଧିକାରୀଙ୍କୁ ଏହାର ନକଲ ପ୍ରଦାନ କରାଯାଇଛି। ଏହି ଅବ୍ୟବସ୍ଥାର ପ୍ରତିକାର କରାନଗଲେ ଆସନ୍ତା ୧୫ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଭୂଷଣ୍ଡପୁର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେବେ ବୋଲି ଶ୍ରୀ ପଲେଇ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ମିଳିଲାନି ବକେୟା ଅର୍ଥ; ଗଡ଼ିଲାନି ଜନନୀ ଆମ୍ବୁଲାନ୍ସ

**ଖୋର୍ଦ୍ଧା,୧୦।୧୨(ସମିସ)**



ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସରକାରଙ୍କ ଜନନୀ ଆମ୍ବୁଲାନ୍ସ ସେବାରେ ନିୟୋଜିତ ଗାଡ଼ି ଭଡ଼ା ବାବଦ ଅର୍ଥ ମାଲିକମାନେ ବାରମ୍ବାର ମାଗିବା ସତ୍ତ୍ୱେ ୪ ମାସ ହେଲା ଟଙ୍କା ମିଳିଲା ନାହିଁ। ତେଣୁ ଆଜିଠୁ ଅଲ୍ ଓଡ଼ିଶା ଭେଣ୍ଡର ଆସୋସିଏସନ୍ ପକ୍ଷରୁ ରାଜ୍ୟବ୍ୟାପୀ ୧୦୮ ଜନନୀ ଆମ୍ବୁଲାନ୍ସ ସେବାକୁ ଭେଣ୍ଡର ସଂଘ ଅଫରୋଡ କରି ବନ୍ଦ କରିଛି। ଫଳରେ ରାଜ୍ୟବ୍ୟାପୀ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଗାଡ଼ିଗୁଡ଼ିକ ଆଜିଠାରୁ ଥୁଆ ହୋଇଛି।

ସ୍ୱାସ୍ଥ୍ୟସେବା ଯୋଜନାରେ ଅନ୍ତର୍ଭୁକ୍ତ ୧୦୮ ଜନନୀ ଆମ୍ବୁଲାନ୍ସ ଗାଡ଼ିର ଭଡ଼ା ୪ ମାସ ହେବ ଏଜେନ୍ସି ଦେଉନଥିବାବେଳେ ଆଜି ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ବକେୟା ଅର୍ଥ ନମିଳିବାରୁ ଗାଡିଗୁଡିକୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖି ପ୍ରତିବାଦ କରିଛନ୍ତି। ରାଜ୍ୟରେ ସମୁଦାୟ ୫୬୫ଟି ଜନନୀ ଆମ୍ବୁଲାନ୍ସ ଆଜି ଗଡ଼ିନି। ଏଥିରେ ଖୋର୍ଦ୍ଧା ଜିଲ୍ଲାର ୧୪ଟି ଜନନୀ ଆମ୍ବୁଲାନ୍ସ ରହିଛି। ଗାଡିଗୁଡିକର ବକେୟା ଅର୍ଥ ପଇଠ କରାନଯିବାରୁ ଏଥିରୁ ପରିବାର ପ୍ରତିପୋଷଣ କରୁଥିବା ଲୋକ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଗାଡ଼ି ପାଇଁ ମାଲିକମାନେ କରିଥିବା ବ୍ୟାଙ୍କ ଋଣର କିସ୍ତି ଦେଇ ପାରୁନଥିବାବେଳେ ବ୍ୟାଙ୍କ ପକ୍ଷରୁ କିସ୍ତି ପୈଠ ପାଇଁ ବାରମ୍ବାର ତାଗିଦ କରାଯାଉଛି।

ତେବେ ଗତ ଅଗଷ୍ଟ ମାସରେ ସରକାର ଆମ୍ବୁଲାନ୍ସ ଗାଡ଼ି ବାବଦ ଭଡ଼ା ଅର୍ଥ ପ୍ରଦାନ କରିଥିଲେ। କିନ୍ତୁ ଏହା ଭିତରେ ୪ ମାସ ବିତିଲାଣି ହେଲେ ପାଉଣା ମିଳିପାରିଲା ନାହିଁ। ତେଣୁ ଆମ୍ବୁଲାନ୍ସ ଗାଡ଼ି ମାଲିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଜନନୀ ଆମ୍ବୁଲାନ୍ସ ହଠାତ ବନ୍ଦ କରିବା ଯୋଗୁ ଗ୍ରାମାଞ୍ଚଳରୁ ଆସୁଥିବା ରୋଗୀମାନେ ହଇରାଣ ହେଉଥିବା ଅଭିଯୋଗ ହେଉଛି। ପ୍ରକାଶଥାଉକି, ସ୍ୱାସ୍ଥ୍ୟ ସେବା ଯୋଜନାରେ ଅନ୍ତର୍ଭୁକ୍ତ ୧୦୮ ଆମ୍ବୁଲାନ୍ସ ଗାଡ଼ିର ଟେଣ୍ଡର ୫ବର୍ଷ ପାଇଁ ଏକ

## ● ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଲେ ରୋଗୀ

ଘରୋଇ ସଂସ୍ଥା ନେଇଛି। କିନ୍ତୁ ଉକ୍ତ ସଂସ୍ଥା ଭଡ଼ା ବାବଦ ବକେୟା ଅର୍ଥ ପୈଠ ନକରିବାରୁ ରାଜ୍ୟବ୍ୟାପୀ ଗାଡ଼ି ମାଲିକମାନେ ଆଜି ନିଜ ନିଜ ଜିଲ୍ଲାର ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଗାଡ଼ି ଛିଡ଼ା କରିଛନ୍ତି। ତେବେ ସରକାରଙ୍କ ଚରମ ଅବହେଳା ଯୋଗୁଁ ଗରିବ ଅବହେଳିତ ରୋଗୀ ଓ ପ୍ରସୂତୀ ମହିଳା ନିଶୁଳ୍କ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହୋଇଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ଜୟନ୍ତୀ



**ଖୋର୍ଦ୍ଧା,୧୦।୧୨(ସମିସ):** ଜୟୀ ରାଜଗୁରୁ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗୀତାଭବନ ପରିସରରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି। କ୍ୟାପିଟାଲ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ବୃନ୍ଦାବନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ଅଶୋକ କୁମାର ନନ୍ଦ ଯୋଗଦେଇ ପଣ୍ଡିତ ନାରାୟଣ ମିଶ୍ର ସ୍ୱାଧୀନତା ସଂଗ୍ରାମ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ରୂପେ ବରିଷ୍ଠ ସାମ୍ବାଦିକ ଶିବବ୍ରତ ଚମ୍ପତିରାୟ ଯୋଗଦେଇ ପଣ୍ଡିତ ନାରାୟଣଙ୍କ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

ସମ୍ମାନିତ ଅତିଥି ରୂପେ ଗୀତା ଗବେଷଣା ପରିଷଦର ସମ୍ପାଦକ ଶକ୍ତିଶଙ୍କର ମିଶ୍ର, ସମାଜସେବୀ ଅକ୍ଷୟ କୁମାର ଦାଶ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ବରିଷ୍ଠ ଆଇନଜୀବୀ ନୃସିଂହପ୍ରସାଦ ମିଶ୍ର ଓ ସମବାୟବିତ୍ ବିମଳ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ସଂସଦର ସଭାପତି ତଥା ଶିକ୍ଷାବିତ୍ ଡକ୍ଟର ଧୀରେନ୍ଦ୍ର ନନ୍ଦ ଆଗାମୀ ଦିନରେ ବାଜପୁରରେ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ କରାଯିବ ବୋଲି ସୂଚନା ଦେଇଥିଲେ। ଶିକ୍ଷାବିତ୍ ତଥା ସମାଜସେବୀ ଜୟଦେବ ମିଶ୍ରଙ୍କୁ ସଂଗ୍ରାମୀ ନାରାୟଣ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଯୁବ ସାମ୍ବାଦିକ ପ୍ରଭାତ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହନ୍ତ ଅନନ୍ତ ନାରାୟଣ ଦେବାଚାର୍ଯ୍ୟ ମହାରାଜ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ରାଜୀବ ଲୋଚନ ଷଡ଼ଙ୍ଗୀ, ହାଜି ନସିମୁଦ୍ଦିନ ଖାନ, ପ୍ରଫୁଲ୍ଲଚନ୍ଦ୍ର ଦାଶ, ମୁରଲୀଧର ବେହେରା, ବିଜୟ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ସନତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

